# ଭତ୍ତା ଟଙ୍କା ହଡ଼ପ ଅଭିଯୋଗ ଆଣିଲେ ସରପଞ୍ଚ

## ବଡ଼କଇଁଚି ପଞ୍ଚାୟତ

■ ତଦନ୍ତରେ ଧରାପଡ଼ିଲା ସତ

**ରସୁଲପୁର, ୨୪।୨(ରଞ୍ଜିତ ରାଉତ)**

ଯାଜପୁର ଜିଲା ରସୁଲପୁର ବ୍ଲକ୍ ବଡକଇଁଚି ସରପଞ୍ଚ ଅଶୋକ କୁମାର ମଲ୍ଲିକ ପଞ୍ଚାୟତରେ ଭତ୍ତା ଟଙ୍କା ହଡ଼ପ ହୋଇଛି ବୋଲି ବିଡିଓ ସତ୍ୟାନନ୍ଦ ଦାଶଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବିଡିଓଙ୍କ ପକ୍ଷରୁ ଏକ ତଦନ୍ତକାରୀ ଦଳ ଗଠନ କରାଯାଇ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ଏ ନେଇ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତବେଳେ ଅଭିଯୋଗ ପଛରେ ସତ୍ୟାସତ୍ୟ ରହିଥିବା ଧରାପଡ଼ିଛି। ଭତ୍ତା ଟଙ୍କା ହଡପ କରିବାରେ ପଞ୍ଚାୟତର ପୂର୍ବତନ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ) ହରିହର ବେହେରାଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ତଦନ୍ତ ଆଧାରେ ଏଡିଇଓ ବେହେରା ୬୫ ହଜାର ଭତ୍ତା ଟଙ୍କା ହଡ଼ପ କରିଛନ୍ତି। ଆଗକୁ ତଦନ୍ତ ଜାରି ରହିବ, ତଦନ୍ତ ଶେଷ ହେଲେ କେତେ ଟଙ୍କା ହଡ଼ପ ହୋଇଛି ତାହା ସ୍ପଷ୍ଟ ହେବ। ପ୍ରାରମ୍ଭିକ ତଦନ୍ତ ବେଳେ ତଦନ୍ତକାରୀ ଦଳ ପକ୍ଷରୁ ଧରାପଡିଥିବା ଅନିୟମିତତା ସମ୍ପର୍କରେ ଏଡିଇଓ ବେହେରା ତଦନ୍ତକାରୀ ଦଳ ସମ୍ମୁଖରେ ସ୍ୱୀକାର କରିଛନ୍ତି। ତଦନ୍ତ ଜାରି ରହିଛି, ପ୍ରକ୍ରିୟା ଶେଷ ହେବା ପରେ ଏ ନେଇ ବିଡିଓଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ତଦନ୍ତକାରୀ ଦଳର ମୁଖ୍ୟ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସୌରଭ ପଲ ସୂଚନା ଦେଇଛନ୍ତି।

ସରପଞ୍ଚ ମଲ୍ଲିକ ଭତ୍ତା ଆକୁଟାନ୍ସ ଖାତା ଯାଞ୍ଚ କରିବାରୁ ଅଗଷ୍ଟରେ ୧୯ ଭତ୍ତା ହିତାଧିକାରୀଙ୍କ ମୃତ୍ୟୁ ହୋଇଥିବା ତାଙ୍କ ନଜରକୁ ଆସିଥିଲା। ଏତେ ସଂଖ୍ୟକ ହିତାଧିକାରୀ ମାସକରେ ମୃତ୍ୟୁ ନେଇ ତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ସେ ମୃତ ହିତାଧିକାରୀମାନଙ୍କ ତାଲିକା ଦେଖି ଜାଣିବାକୁ ପାଇଲେ ଯେ ସେଥିରେ କେତେଜଣ ତାଙ୍କ ପଞ୍ଚାୟତର ନୁହନ୍ତି। ଏ ନେଇ ଚଳିତ ମାସରେ ସେ ବିଡିଓଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ସରପଞ୍ଚଙ୍କ ଅଭିଯୋଗ ଆଧାରରେ ବିଡିଓ ଦାଶ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସୌରଭ ପଲ, ରସୁଲପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହୃଷୀକେଶ ସାହୁ, ବ୍ଲକ୍ ବିତ୍ତ ଅଧିକାରୀ ଅଜୟ ମଲ୍ଲିକଙ୍କୁ ନେଇ ଏକ ତଦନ୍ତକାରୀ ଦଳ ଗଠନ କରି ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ବେଳେ ପଞ୍ଚାୟତରେ ଭତ୍ତା ବଣ୍ଟନ ଦାୟିତ୍ୱରେ ଏଡିଇଓ ବେହେରା ତୁଲାଉଥିଲେ। ତଦନ୍ତକାରୀ ଦଳ ଚଳିତ ଆର୍ଥିକ ବର୍ଷର ଭତ୍ତା ଆକୁଟାନ୍ସ ଖାତା (ଏପ୍ରିଲରୁ ଫେବୃଆରୀ ପର୍ଯ୍ୟନ୍ତ)କୁ ଯାଞ୍ଚ କରିଥିଲେ। ସେଥିରେ ଏପ୍ରିଲରୁ ଅଗଷ୍ଟ ପର୍ଯ୍ୟନ୍ତ ୧୩ଜଣ ହିତାଧିକାରୀ ମୁଣ୍ଡ ପିଛା ୧ହଜାର ଟଙ୍କା ଲେଖାଏ ୬୫ ହଜାର ହଡ଼ପ ହୋଇଛି। ସେଭଳି ହିତାଧିକାରୀ ବଡକଇଁଚି ପଞ୍ଚାୟତରେ ନ ଥିବା ଜଣାପଡିଥିଲା। ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ବେହେରା ଅଗଷ୍ଟରେ ଅନ୍ୟ ପଞ୍ଚାୟତକୁ ବଦଳି ହୋଇଯାଇଥିଲେ। ତାଙ୍କ ସ୍ଥାନରେ ବଡକଇଁଚି ପଞ୍ଚାୟତକୁ ଆସିଥିବା ଏଡିଇଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସମୟରେ ଅଗଷ୍ଟରେ ପଞ୍ଚାୟତରୁ ୧୯ ଭତ୍ତା ହିତାଧିକାରୀ ମୃତ୍ୟୁ ହୋଇଥିବା ଦର୍ଶାଇଥିଲେ। ଏ ନେଇ ସରପଞ୍ଚ ଅବଗତ ହୋଇ ମୃତ ବ୍ୟକ୍ତିଙ୍କ ତାଲିକା ଯାଞ୍ଚ କରିବାରୁ ୬ଜଣ ହିତାଧିକାରୀ ମୃତ୍ୟୁ ହୋଇଥିବା ଚିହ୍ନଟ ହୋଇଥିଲା। ବାକି ୧୩ଜଣଙ୍କ ସମ୍ପର୍କରେ ପଞ୍ଚାୟତରୁ କୌଣସି ତଥ୍ୟ ହାସଲ କରାଯାଇ ପାରିଲାନାହିଁ। ଏ ନେଇ ବିଡିଓଙ୍କୁ ଅବଗତ କରାଯିବା ପରେ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ବେଳେ ଅଙ୍ଗନୱାଡି କର୍ମୀମାନଙ୍କ ସହାୟତା ନିଆଯାଇଥିଲା। ଚଳିତ ଆର୍ଥିକ ବର୍ଷର ଭତ୍ତା ଖାତା ଯାଞ୍ଚ କରାଯାଇଛି। ଯାଞ୍ଚ ବେଳେ ୧୩ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ପାରି ନ ଥିଲେ। ପୂର୍ବବର୍ଷର ଭତ୍ତା ଖାତା ଅଡିଟ୍ ପାଇଁ ଯାଇଛି। ସେ ଖାତା ଆସିବା ପରେ ତାକୁ ଯାଞ୍ଚ କରାଯାଇ ଭତ୍ତା ଟଙ୍କା ହଡ଼ପ ପରିମାଣ କେତେ, ଆଉ କେତେ ହିତାଧିକାରୀଙ୍କ ନାମରେ ହେରଫେର ହୋଇଛି, ତାହା ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଦଳ ସୂଚନା ଦେଇଛନ୍ତି। ଏ ନେଇ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶଙ୍କୁ ପଚାରିବାରେ ସରପଞ୍ଚଠାରୁ ଅଭିଯୋଗ ପାଇବା ପରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ରିପୋର୍ଟ ଆସିବା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସରପଞ୍ଚ ଅଶୋକ କୁମାର ମଲ୍ଲିକଙ୍କୁ ପଚାରିବାରେ ଗୋଟିଏ ମାସରେ ୧୯ଜଣ ଲୋକ ପଞ୍ଚାୟତରେ ମୃତ୍ୟୁ ଘଟିବାକୁ ନେଇ ମନରେ ସନ୍ଦେହଜାତ ହୋଇଥିଲା। ମୃତ୍ୟୁ ହିତାଧିକାରୀମାନଙ୍କୁ ନେଇ ସେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ଅନ୍ୟ ସରକାରୀ କର୍ମଚାରୀଙ୍କ ଜରିଆରେ ତଦନ୍ତ କରି ଦେଖିଲେ ମୃତ ଲୋକ ତାଙ୍କ ପଞ୍ଚାୟତର ନୁହନ୍ତି। ଏହା ପରେ ଏ ସମ୍ପର୍କରେ ବିଡିଓଙ୍କୁ ଜଣାଇଥିଲେ।

# ଚଣ୍ଡିଖୋଲ ଛକରୁ ହାଣ୍ଡିଆ ହାଟ ଉଚ୍ଛେଦ



**ବଡଚଣା, ୨୪।୨ (ଦିଲ୍ଲୀପ କୁମାର ମହାନ୍ତି)**

୫୩ ନଂ. ଜାତୀୟ ରାଜପଥ ଚଣ୍ଡିଖୋଲ ଡୁବୁରୀ ବାଇପାସ୍ ନିକଟରେ ଦୀର୍ଘଦିନ ଧରି ମହିଳାମାନଙ୍କ ଦ୍ୱାରା କରାଯାଇଥିବା ହାଣ୍ଡିଆ ହାଟ ମଙ୍ଗଳବାର ଜିଲା ଅବକାରୀ ବିଭାଗ ପକ୍ଷରୁ ଉଚ୍ଛେଦ କରାଯାଇଛି। ଜିଲା ଅବକାରୀ ଇନ୍ସପେକ୍ଟରଙ୍କ ନେତୃତ୍ୱରେ ଅବକାରୀ କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ଆଦିବାସୀ ମହିଳା ନିର୍ମାଣ କରିଥିବା ଅସ୍ଥାୟୀ ଘର ଭାଙ୍ଗିବା ସହିତ କାଲିଠାରୁ ଏଠାରେ ହାଣ୍ଡିଆ ବେପାର ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଡୁବୁରୀ-ଚଣ୍ଡିଖୋଲ ବାଇପାସ୍ ନିକଟର ଦୀର୍ଘଦିନ ହେଲା ହାଣ୍ଡିଆ ବେପାର ହେଉଥିଲା। ସେଠାରେ ଜନସମାଗମ ହେବା ଫଳରେ ଦୈନିକ ଛୋଟ ବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଥିଲା। ଏ ନେଇ ବହୁ ଅଭିଯୋଗ ହେଉଥିଲା। ଫଳରେ ମଙ୍ଗଳବାର ଜିଲା ଅବକାରୀ ବିଭାଗ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ କରାଯାଇଛି। ମାତ୍ର ଆଦିବାସୀ ମହିଳାମାନେ କହିଛନ୍ତି, ଏହା ଆମର କୌଳିକ ବୃତ୍ତି। ହାଣ୍ଡିଆ ବିକ୍ରି କରି ଆମେ ଆମର ପରିବାର ପ୍ରତିପୋଷଣ କରିଥାଉ। ମାତ୍ର ଏହା ବନ୍ଦ ହେବା ପରେ ଆମ ପରିବାର ଭୋକ ଉପାସରେ ରହିବେ। ଆମକୁ ଥଇଥାନ ନ କରି ଏପରି ଉଚ୍ଛେଦ ଓ ବୃତ୍ତିକୁ ଅପମାନିତ କରିବାର ଅଭିଯୋଗ କରିଛନ୍ତି। ଜିଲା ଅବକାରୀ ବିଭାଗ ପକ୍ଷରୁ ଉପଯୁକ୍ତ ସ୍ଥାନରେ ଥଇଥାନ କରିବାକୁ ଆଦିବାସୀ ମହିଳାମାନେ ଅନୁରୋଧ କରିଛନ୍ତି।

# ଅଷ୍ଟପ୍ରହର ନାମଯଜ୍ଞରେ ଯୋଗଦେଲେ ବିଧାୟକ

**ଯାଜପୁରରୋଡ଼, ୨୪।୨ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସହର ଉମାପଦାସ୍ଥିତ ହାଉସିଂ ବୋର୍ଡ କଲୋନୀରେ ୮ ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅଧିବାସ କଳସ ସ୍ଥାପନ ହୋଇ ଶନିବାର ବିଳାସ କୀର୍ତ୍ତନ ଓ ରବିବାର ନଗର ଭ୍ରମଣ ପରେ ଦଧିଭାଣ୍ଡ ଭଙ୍ଗାଯାଇ ସଂକୀର୍ତ୍ତନ ଶେଷ ହୋଇଛି। ଭଦ୍ରକ, ଢେଙ୍କାନାଳ, ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୧୫ରୁ ଉର୍ଦ୍ଧ୍ୱ କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଷଣ କରି ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଉଦ୍ୟୋକ୍ତା ଭାଗବତ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୃନ୍ଦାବନରୁ ଆସିଥିବା ବାବାଜୀ ପ୍ରେମାନନ୍ଦ ଦାସମହାରାଜ, ବାବାଜୀ ବୃନ୍ଦାବନ ଦାସମହାରାଜ ଓ ରାସବିହାରୀ ମଠ ମହନ୍ତ ଜଟିଆ ବାବା ପ୍ରମୁଖ ନାମଯଜ୍ଞର ପରିଚାଳନା କରିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ, ବ୍ୟାସନଗର ପୌରାଧକ୍ଷ ସୁବାସ ଚନ୍ଦ୍ର ବଳ, ସ୍ଥାନୀୟ କାଉନସିଲର ଶିବାନନ୍ଦ ନାୟକ ଏବଂ ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ହାଉସିଂବୋର୍ଡ କଲୋନୀର ସମସ୍ତ ଅଧିବାସୀ ଓ ବିଶ୍ୱାଳ ପରିବାର କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।



# ଇତିହାସ ବିଭାଗରେ ଅଧ୍ୟୟନ ମଣ୍ଡଳୀ ବୈଠକ



ବୈଠକରେ ସାମିଲ ହୋଇଥିବା ଅଧ୍ୟୟନ ମଣ୍ଡଳୀର ସଦସ୍ୟ।

## ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ

**ବଡଚଣା, ୨୪।୨ (ଦିଲୀପ କୁମାର ମହାନ୍ତି)**

ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ୨୦୨୫-୨୬ ଓ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ପାଠ୍ୟକ୍ରମ ଚୂଡ଼ାନ୍ତ କରିବା ପାଇଁ ଅଧ୍ୟୟନ ମଣ୍ଡଳୀର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ପ୍ରତିନିଧି ଭାବେ କଲେଜ ଉନ୍ନୟନ ପରିଷଦର ମୁଖ୍ୟ ତଥା ଇତିହାସ ବିଭାଗୀୟ ମୁଖ୍ୟ ପ୍ରଫେସର ଜୟନ୍ତୀ ଦୋରା, ଅଧକ୍ଷ ଡ. ପ୍ରସନ୍ନ କୁମାର ମହାପାତ୍ର, ବିଷୟ ବିଶେଷଜ୍ଞ ଭାବେ ଡ. ସାମୁଏଲ ଲିମା, ଡ. ସୌମ୍ୟ ରଞ୍ଜନ ସାହୁ, ଅଧ୍ୟାପକ ରୁଦ୍ର ନାରାୟଣ ଦାସ, ପୁରାତନ ଛାତ୍ର ପ୍ରତିନିଧି ଭାବେ ଦେବ ରଞ୍ଜନ ସ୍ୱାଇଁ, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି, ଅଧ୍ୟାପକ ନିରାକାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡ. ଦୋରା ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ।

# ନଚ୍ଛିପୁରରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ସିଂହପୁର, ୨୪।୨ (ଅନଙ୍ଗ ଉଦୟ ବେଉରିଆ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ନଚ୍ଛିପୁର ଗ୍ରାମରେ ବ୍ୟାସଦେବ ଜୀଉ କମିଟି ଆନୁକୂଲ୍ୟରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହେଉଛି। ଅନାଦିକାଳରୁ ଗ୍ରାମରେ ଚତୁର୍ଦ୍ଧା ମୂର୍ତ୍ତି ପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ପୂଜା ପାଉଥିଲେ। ନୂତନ ମନ୍ଦିର ନିର୍ମାଣ ପାଇଁ ଗ୍ରାମବାସୀ ଓ ଯୁବକମାନଙ୍କ ମିଳିତ ପ୍ରୟାସରେ ଭବ୍ୟ ମନ୍ଦିର ନିର୍ମାଣ ପରେ ବିଗ୍ରହମାନଙ୍କୁ ସ୍ଥାପନ କରାଯାଇଛି। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ସମଗ୍ର ଅଞ୍ଚଳ ବେଶ ଚଳଚଞ୍ଚଳ ହୋଇ ଉଠିଛି। ଯଜ୍ଞ, ପୂଜାର୍ଚ୍ଚନାରେ ସମଗ୍ର ଅଞ୍ଚଳ ଜଗନ୍ନାଥମୟ ହୋଇଯାଇଛି। ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ଆସୁଛନ୍ତି। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ବବିତା ମଲ୍ଲିକ ପ୍ରମୁଖ ନୂତନ ମନ୍ଦିର ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ୫ଦିନ ବ୍ୟାପୀ ଅନୁଷ୍ଠିତ ହୋଇଆସୁଥିବା ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବର ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ, ଭଜନ ସନ୍ଧ୍ୟା, ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନା କରୁଛନ୍ତି।

# ଜିଲା ପୋଲିସ ମୁଖ୍ୟାଳୟରେ ତ୍ରିନାଥ ଉତ୍ସବ



**ପାଣିକୋଇଲି, ୨୪।୨ ( ବିକାଶ ଚନ୍ଦ୍ର ମଲ୍ଲିକ)**

ପ୍ରତିବର୍ଷ ପରି ଚଳିତବର୍ଷ ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ଥିବା ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ସୁଧାଂଶୁ ଶେଖର ଘଡ଼ାଇ ସସ୍ତ୍ରିକ ଯୋଗଦେଇଥିବା ବେଳେ ପୂଜକ ଭାବେ ଗୌରାଙ୍ଗ ପଣ୍ଡା ଯୋଗଦେଇଥିଲେ। ମୁଖ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲାର ସମସ୍ତ ଥାନାର ଅଧିକାରୀ, କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଛବିରାଣୀ ହେଲେ ବିଞ୍ଝାରପୁର ନୂଆ ବିଡିଓ

**ବିଞ୍ଝାରପୁର, ୨୪।୨ (ରାମକୃଷ୍ଣ ଦାସ):**

ବହୁଦିନର ବ୍ୟବଧାନ ପରେ ବିଞ୍ଝାରପୁରକୁ ନୂଆ ବିଡିଓ ମିଳିଛି। ପୁରୀ ଜିଲା ଗୋପର ବିଡିଓ ଛବିରାଣୀ ସାହୁ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପତ୍ରାଙ୍କ ୫୯୨୨/୨୬ ଅନୁଯାୟୀ ବଦଳି ହୋଇ ବିଞ୍ଝାରପୁର ନୂତନ ବିଡିଓ ଭାବେ ଯୋଗଦେବେ। ବିଞ୍ଝାରପୁରରେ ବହୁଦିନ ଧରି ବିଡିଓ ପଦବୀ ଖାଲି ପଡିଥିବାରୁ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ବିଡିଓ ଭାବେ ସାହୁ କାର୍ଯ୍ୟରେ ଯୋଗଦେଲେ ବ୍ଲକର ଉନ୍ନୟନ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ ବୋଲି ବିଞ୍ଝାରପୁରବାସୀ ଆଶା ରଖିଛନ୍ତି।

# ଚାଷୀ ସମସ୍ୟା ନେଇ ବିଜେଡିର ବିକ୍ଷୋଭ, ଧାରଣା

**ସିଂହପୁର, ୨୪।୨ (ଅନଙ୍ଗ ଉଦୟ ବେଉରିଆ)**

ମଣ୍ଡିରେ ଧାନକିଣାରେ ବ୍ୟାପକ ଅନିୟମିତତା। ଚାଷୀଙ୍କଠାରୁ ଧାନ କୁଇଣ୍ଟାଲରେ ପ୍ରାୟ ୮ କିଲୋ କଟ୍‌ନିଛଟ୍‌ନି କରାଯାଉଛି। ଟୋକନ ପ୍ରଦାନରେ ପ୍ରାୟ ୩୦ ପ୍ରତିଶତ ଧାନ କମ ନିଆଯାଉଛି। ଏଭଳି ସମସ୍ୟାକୁ ନେଇ ଚାଷୀମାନେ ହଇରାଣ ହେଉଛନ୍ତି। ଭାଜପା ଶାସନ କ୍ଷମତାକୁ ଆସିଲା ପରେ ଚାଷୀମାରଣ ନୀତି ବଢ଼ି ଚାଲିଛି, ଯାହାକୁ ବିରୋଧ କରି ମଙ୍ଗଳବାର ବିଞ୍ଝାରପୁର ବ୍ଲକ ଜରୀ ପଞ୍ଚାୟତ ବିଜେଡି ପକ୍ଷରୁ ବିକ୍ଷୋଭ ଓ ଧାରଣା ଦିଆଯାଇଛି। ପଞ୍ଚାୟତ ବିଜେଡି ସଭାପତି ଉମେଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ବହୁ ଶହ ମହିଳା, ଚାଷୀ ତଥା ବିଜେଡି କର୍ମୀମାନେ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଏକତ୍ର ହୋଇ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ନାରାବାଜି କରି ସମବାୟ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚାଷୀଙ୍କ ସମସ୍ୟା ନେଇ ବିଜେଡି ପକ୍ଷରୁ ଜାରି ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଧାରଣାରେ ବିଜେଡି ପକ୍ଷରୁ ନିର୍ବାଚନମଣ୍ଡଳୀ ସଭାପତି ମୁରଲୀ ବେହେରା, ଯୁବ ବିଜେଡି ସଭାପତି ଦିଲୀପ ରାଉଳ, ସରପଞ୍ଚ ନନ୍ଦ କିଶୋର ମଲ୍ଲିକ, ବରିଷ୍ଠ ବିଜେଡି ନେତା ପ୍ରଦ୍ୟୁମ୍ନ ପାତ୍ର, ମନୋଜ ସାମଲ ପ୍ରମୁଖଙ୍କ ସମେତ ବହୁ ଚାଷୀ ଓ ମହିଳା ଯୋଗଦେଇଥିଲେ। ୬ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାଷୀମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀଦିନରେ ଯଦି ଚାଷୀଙ୍କ ସମସ୍ୟାର ସମାଧାନ ନ ହୁଏ, ତେବେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଧାରଣାକାରୀମାନେ ଚେତାବନୀ ଦେଇଛନ୍ତି।

# ପାକଶାଳା ବଗିଚା ପ୍ରଶିକ୍ଷଣ ଶିବିର

**ବ୍ରହ୍ମବରଦା, ୨୪।୨ (ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସୋମବାର ପରିବେଶ ଶିକ୍ଷା କେନ୍ଦ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଏକ ଦିବସୀୟ ପାକଶାଳା ବଗିଚା ପ୍ରଶିକ୍ଷଣ ଶିବିର ମହାବିଦ୍ୟାଳୟ ଅଧକ୍ଷ ମହେଶ୍ୱର ପାତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ ଯୋଗଦେଇ କାର୍ଯ୍ୟକମକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ପରିବେଶ ଶିକ୍ଷା କେନ୍ଦ୍ରର ଆସିଷ୍ଟାଣ୍ଟ ଭରତ ଚନ୍ଦ୍ର ଜେନା ଏବଂ ପରିବେଶବିତ ସଚ୍ଚିଦାନନ୍ଦ ପ୍ରଧାନ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ପାକଶାଳା ବଗିଚାର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଚାଷୀ, ସାମାଜିକ କର୍ମୀ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ସମସ୍ତଙ୍କୁ ସାର୍ଟିଫିକେଟ, ଚାରା, ମଞ୍ଜି ପ୍ରଦାନ କରାଯାଇଥିଲା। ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ବିପିନ ବିହାରୀ ଦେଓ, ଆଲ୍ଲାଉଦ୍ଦିନ ଖାଁ, ଅମୂଲ୍ୟ ରାଉତ, ଅଧ୍ୟାପକ ସୌଭାଗ୍ୟ ସାହୁ, ସୂର୍ଯ୍ୟକାନ୍ତ ରାଉତ, କାର୍ଯ୍ୟକ୍ରମ ସଂଯୋଜକ ରୁହୁଲ ଅମିନ, ସଞ୍ଜୟ ପ୍ରଧାନ, ବାବୁଲା ରଣା, ଶିବପ୍ରସାଦ ସାହୁ, ରାମଚନ୍ଦ୍ର ମଲ୍ଲିକ ଓ ସୁନିଲ ଓଝା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।




ପ୍ରଶିକ୍ଷଣ ଶିବିରରେ ସାମିଲ ହୋଇଥିବା ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି।

# ଏନ୍‌ସି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଉ

**ଯାଜପୁରଟାଉନ, ୨୪।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଏନ୍‌ସି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଖବରଦାତା ସମ୍ମିଳନୀ ମଙ୍ଗଳବାର ଅପରାହ୍ନରେ ଯାଜପୁର ମିଶନ ଶକ୍ତି ଭବନରେ କଲେଜର ଆଲୁମ୍‌ନି ସଂଘର ପୁରାତନ ଛାତ୍ର ସନ୍ତୋଷ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ, ଡ. ବଟକୃଷ୍ଣ ମହାପାତ୍ର, ଏନ୍‌ସି କଲେଜ ପୂର୍ବତନ ସଭାପତି ଅତିଶ ବେହେରା, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ପ୍ରେମଲତା ପଣ୍ଡା ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏନ୍‌ସି କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାକୁ ହକ୍‌ଦାର। ଚଳିତବର୍ଷ ବଜେଟ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ୪ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଅବିଭକ୍ତ କଟକ ଜିଲାରେ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲା ଅତୀତରେ ସାମିଲ ହୋଇ ରହିଥିଲା। ଏହି ୩ଟି ଜିଲା ନବେ ଦଶକରେ କଟକଠାରୁ ପୃଥକ୍ ହୋଇ ନୂତନ ଜିଲାର ମାନ୍ୟତା ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ନୂତନ ବିଶ୍ୱବିଦ୍ୟାଳୟ ମଧ୍ୟରେ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲା ସ୍ଥାନ ପାଇଛି। ଏହି ପରିପ୍ରେକ୍ଷୀରେ ଶିଳ୍ପ, ସଂସ୍କୃତ, ବାଣିଜ୍ୟ ଓ ପର୍ଯ୍ୟଟନରେ ସମୃଦ୍ଧ ଯାଜପୁର ଜିଲା ବିଶ୍ୱବିଦ୍ୟାଳୟ ସୁଯୋଗରୁ ବଞ୍ଚିତ ହୋଇଛି। ରାଜ୍ୟ ସରକାର କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇଛନ୍ତି। କେନ୍ଦ୍ରାପଡ଼ା କଲେଜ ୧୯୫୯ରେ ପ୍ରତିଷ୍ଠା ହୋଇଥିଲା। ଜଗତ୍‌ସିଂହପୁର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଛି, ଏହା ୧୯୨୩ରେ ସ୍ଥାପିତ ହୋଇଥିଲା। ଏଠାରେ ପ୍ରଶ୍ନ ଉଠୁଛି, ସ୍ୱାଧୀନତା ପୂର୍ବରୁ ପ୍ରତିଷ୍ଠିତ ଏନ୍‌ସି କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ନ ମିଳିବା ପଛରେ ରାଜ୍ୟ ସରକାରଙ୍କ ଯୁକ୍ତି କ'ଣ ରହିଛି। ୧୯୪୬ରେ ଏହି ମହାବିଦ୍ୟାଳୟର ବିକଶିତ ଭାରତ ସମୟ ଅର୍ଥାତ୍ ୨୦୪୭କୁ ୧୦୦ବର୍ଷ ଟପି ସାରିଥିବ। ୧୯୪୬ ମସିହାରେ ସ୍ଥାପିତ ଯାଜପୁର ଜିଲାର ସର୍ବପୁରାତନ ମହାବିଦ୍ୟାଳୟ ଏନ୍‌ସି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ୨୦୨୦ଠାରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏନ୍‌ସି କଲେଜର କ୍ୟାମ୍ପସ ୫୦ ଏକର ପରିମିତ କରାଯିବା ସହ ୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୨୦ ପରଠାରୁ ବିଶ୍ୱବିଦ୍ୟାଳୟ ସମସ୍ତ ଶ୍ରେଣୀଗୃହ, ଗବେଷଣା କେନ୍ଦ୍ର, ବିଜ୍ଞାନାଗାର, ପାଠାଗାର, ଛାତ୍ରୀଛାତ୍ରଙ୍କ ପାଇଁ ଏକାଧିକ ହଷ୍ଟେଲ ସହ ବିବିଧ ପ୍ରକଳ୍ପ ନିର୍ମାଣ ହୋଇଛି। ୨୦୨୪ ପରଠାରୁ ଏନ୍‌ସି କଲେଜର ଅସମ୍ପୂର୍ଣ୍ଣ ପ୍ରକଳ୍ପ ଧିମେଇ ଯାଇଥିବାବେଳେ ବିଶ୍ୱବିଦ୍ୟାଳୟ ପ୍ରସ୍ତାବ ସ୍ୱପ୍ନ ହୋଇ ରହିଯାଇଛି। ଯାଜପୁରର ପଡ଼ୋଶୀ ଜିଲାରେ ଅବସ୍ଥିତ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଛି। ଏହି ମହାବିଦ୍ୟାଳୟଟି ସ୍ୱାଧୀନତା ପରେ ଅର୍ଥାତ୍ ୧୯୪୮ରେ ସ୍ଥାପିତ ହୋଇଥିଲା। ସୁତରାଂ ଏନ୍‌ସି କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ନ ମିଳିବା ଘଟଣା ଯାଜପୁର ଜିଲାର ଅଗଣିତ ଛାତ୍ରୀଛାତ୍ର, ଶିକ୍ଷାନୁରାଗୀ ତଥା ଏନ୍‌ସି କଲେଜର ପୁରାତନ ଛାତ୍ରୀଛାତ୍ରଙ୍କୁ ବ୍ୟଥିତ କରିଛି। ଏନ୍‌ସି କଲେଜର ପୂର୍ବତନ ଛାତ୍ରୀଛାତ୍ର ସଂସଦ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏହି ମର୍ମରେ ଅନୁରୋଧ କରାଯାଉଛି କି ଯାଜପୁର ଜିଲାର ଅସ୍ମିତା ପ୍ରତୀକ ଭାବେ ବିଦିତ ଏନ୍‌ସି କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରନ୍ତୁ। ଶେଷରେ ଏକ ପ୍ରତିନିଧି ମଣ୍ଡଳୀ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଥିଲେ।




ଖବରଦାତା ସମ୍ମିଳନୀରେ କଲେଜର ଆଲୁମ୍‌ନି ସଂଘର ସଦସ୍ୟମାନେ।

# ସାର୍ବଜନୀନ ହେଉନି ପୂର୍ବ ଜିଲା ମହୋତ୍ସବର ହିସାବ

- ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ଜିଲାପାଳଙ୍କୁ ବିଧାୟକଙ୍କ ଚିଠି
- ଗଣମାଧ୍ୟମକୁ ବୈଠକରେ ଉପସ୍ଥିତ ପାଇଁ ଉଲ୍ଲେଖ ନାହିଁ
- ୬ ମାସ ପୂର୍ବରୁ ଅନୁରୋଧ ସତ୍ତ୍ୱେ ବୈଠକ ହେଉନି

ଜଗତ୍‌ସିଂହପୁର, ୨୪।୨ (ପ୍ରମୋଦ କୁମାର ନାୟକ)

ଗତ ଜିଲା ମହୋତ୍ସବ ଆୟୋଜନ ଓ ହିସାବକୁ ନେଇ ଜିଲାପାଳ ଜେ. ସୋନାଲ ଓ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏକପ୍ରକାର ମୁହାଁମୁହିଁ ଅବସ୍ଥାକୁ ଆସିଥିବା ଆଲୋଚନା ହେଉଛି। ପାଖାପାଖି ୬ ମାସ ପୂର୍ବରୁ ଗତ ଜିଲା ମହୋତ୍ସବ ଖର୍ଚ୍ଚ ଓ ଅନ୍ୟାନ୍ୟ ବାବଦରେ ସମୀକ୍ଷା ବୈଠକ ଡାକିବାକୁ ବିଧାୟକ ଜିଲାପାଳଙ୍କୁ ପତ୍ର ଲେଖିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ବୈଠକ ହୋଇପାରି ନ ଥିବା ଦର୍ଶାଇ ବିଧାୟକ ଦାସ ଜିଲାପାଳଙ୍କ ଆଡକୁ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଆସନ୍ତା ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଚଳିତବର୍ଷର ଜିଲା ମହୋତ୍ସବ ଆୟୋଜନ ହେବାକୁ ଯାଉଛି। ଏହା ପୂର୍ବରୁ ଅର୍ଥାତ୍ ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ଜିଲାପାଳଙ୍କୁ ବିଧାୟକ ପୁଣିଥରେ ଚିଠି ଲେଖିବା ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

ଜଗତ୍‌ସିଂହପୁର ଜିଲାରେ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ବିଭାଗ ପକ୍ଷରୁ ଅନେକ ଜିଲାସ୍ତରୀୟ ଉତ୍ସବ ଓ କାର୍ଯ୍ୟକ୍ରମ କରାଯାଉଛି। ଏ ବାବଦରେ ବହୁ ସରକାରୀ ଅର୍ଥ ଖର୍ଚ୍ଚ ହେଉଛି। କିନ୍ତୁ ଅନେକ ସମୟରେ ଦେଖାଯାଉଛି ଉତ୍ସବ କିମ୍ବା କାର୍ଯ୍ୟକ୍ରମ ବିଫଳ ହେଉଛି। ଅଧିକ ସଂଖ୍ୟକ ଲୋକଙ୍କୁ ସାମିଲ କରାଯାଉନାହିଁ। ଜିଲା ପ୍ରଶାସନ ତଥା ବିଭାଗୀୟ ଅଧିକାରୀମାନେ ଔପଚାରିକତା ପୂରଣ ପାଇଁ ଉପରଠାଉରିଆ କାର୍ଯ୍ୟକ୍ରମ କରି ଦାୟିତ୍ୱ ସାରି ଦେଉଛନ୍ତି। ଫଳରେ ବାସ୍ତବ ଲକ୍ଷ୍ୟ ପୂରଣରେ ଅନ୍ତରାୟ ସୃଷ୍ଟି କରୁଛି। ସବୁଠୁ ବଡ କଥା ହେଲା କାର୍ଯ୍ୟକ୍ରମ ଆୟୋଜନରେ କ'ଣ ତ୍ରୁଟି ରହିଲା, ଅର୍ଥର ଠିକ ବିନିଯୋଗ ହେଲା କି ବାଟମାରଣା ହେଲା, ତା ଉପରେ ସମୀକ୍ଷା ହେଉଛି କି ନାହିଁ ତାହା ସାର୍ବଜନୀନ କରାଯାଉନାହିଁ। ଏହି ଧାରା ବର୍ଷ ବର୍ଷ ଧରି ଚାଲିଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଲୋକଙ୍କ ଆସ୍ଥାଭାଜକ ପାଇଁ ଅନେକ ପ୍ରତିଶ୍ରୁତି ଦେଇଥିଲା। ଦୀର୍ଘ ବର୍ଷ ଧରି ରାଜ୍ୟରେ ବିଜେଡି ସରକାର ଚାଲିଥିବାରୁ ଅନେକ ପ୍ରସଙ୍ଗକୁ ନେଇ ଲୋକେ ଅତିଷ୍ଠ ହୋଇ ପଡିଥିଲେ। ଏ ପରିସ୍ଥିତିରେ ଲୋକେ ବିକଳ୍ପ ଭାବେ ଭାଜପାକୁ ପସନ୍ଦ କଲେ। ଯେଉଁ କାରଣରୁ ଭାଜପା ସରକାରକୁ ଆସିଲା। କିନ୍ତୁ ଯଥା ପୂର୍ବଂ ତଥା ପରଂ ନ୍ୟାୟରେ ପୂର୍ବ ପରି ଅନେକ କ୍ଷେତ୍ରରେ ଅବ୍ୟବସ୍ଥା ପରିଲକ୍ଷିତ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଜିଲାସ୍ତରୀୟ ଉତ୍ସବ, ମହୋତ୍ସବ କିମ୍ବା କାର୍ଯ୍ୟକ୍ରମ ଉପରେ ସମୀକ୍ଷା ହେଉଛି କି ନାହିଁ ତାହା ସାର୍ବଜନିନ କରାଯାଉନାହିଁ। ଏନେଇ ସନ୍ଦେହ ବଢିଚାଲିଛି। ଲୋକଙ୍କ ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଥିବା ଅର୍ଥର ହିସାବ ଦିଆ ନ ଯିବା ପରୋକ୍ଷରେ କାର୍ଯ୍ୟର ସ୍ୱଚ୍ଛତା ଉପରେ ସନ୍ଦେହ ବୃଦ୍ଧି କରୁଛି। ଏହି ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଗତ ଜିଲା ମହୋତ୍ସବ ଉପରେ ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ଜିଲାପାଳଙ୍କୁ ଜଗତ୍‌ସିଂହପୁର ବିଧାୟକଙ୍କ ଚିଠି କରିବା ଗୁରୁତ୍ୱ ବହନ କରୁଛି। ଏହି ଚିଠିରେ ବିଧାୟକ ଦର୍ଶାଇଛନ୍ତି ସେ ୨୦୨୫ ଜୁଲାଇ ୧୮ରେ ସମୀକ୍ଷା ବୈଠକ ଡାକିବାକୁ ଚିଠି କରିଥିଲେ। ଏଥିରେ ସେ ମହୋତ୍ସବ ଆୟୋଜନଠାରୁ, ଖର୍ଚ୍ଚ ଓ ଅନ୍ୟାନ୍ୟ ବାବଦରେ ସ୍ୱଚ୍ଛତା ପାଇଁ ବୈଠକ ଆୟୋଜନର ଆବଶ୍ୟକତା ଥିବା ଦର୍ଶାଇଥିଲେ। କିନ୍ତୁ ଦୁଃଖର କଥା ହେଲା ଏଥିମଧ୍ୟରେ ୬ ମାସ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସମୀକ୍ଷା ବୈଠକ ହେଲା ନାହିଁ। ଚଳିତବର୍ଷର ଜିଲା ମହୋତ୍ସବ ସମୟ ପାଖେଇ ଆସୁଥିବାରୁ ଏହା ପୂର୍ବରୁ ପୂର୍ବବର୍ଷ କାର୍ଯ୍ୟକ୍ରମର ବିଶଦ ବିବରଣୀ ସମୀକ୍ଷା ହେବା ନିହାତି ଆବଶ୍ୟକ। ବିଶେଷକରି ଆୟ, ବ୍ୟୟ ଖର୍ଚ୍ଚ, ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା ଓ ପ୍ରଶାସନିକ ଆୟୋଜନ ସମ୍ପର୍କରେ ସମୀକ୍ଷା ହେବା ଜରୁରୀ। ତେଣୁ ତୁରନ୍ତ ସମୀକ୍ଷା ବୈଠକ ଡକାଯାଉ। ମହୋତ୍ସବରେ ସାମିଲ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଜନ ପ୍ରତିନିଧିଙ୍କୁ ସାମିଲ କରାଯାଉ। ଏହାଦ୍ୱାରା ଆଗାମୀ ମହୋତ୍ସବ ପାଇଁ ଆବଶ୍ୟକ ଆଲୋଚନା ଓ ସଂଶୋଧନ ହୋଇପାରିବ ବୋଲି ବିଧାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। କିନ୍ତୁ ଏହି ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମିଲ କରିବା କଥା ଉଲ୍ଲେଖ ନାହିଁ। ଏନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏବେ ଜିଲାପାଳ ସମୀକ୍ଷା ବୈଠକ ଡାକୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।

# ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ଉତ୍ସବ




ରାହାମା, ୨୪।୨ (ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଭ୍ରମରକୋଲାଠାରେ ଥିବା ଓକଲା ସତସଙ୍ଗ କେନ୍ଦ୍ରରେ ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବେଦ ମାଙ୍ଗଳିକ, ନହବତ, ଊଷାକୀର୍ତ୍ତନ, ପ୍ରାର୍ଥନା, ଗ୍ରନ୍ଥ ପାଠ, ସ୍ୱସ୍ତି ପତାକା ଉତ୍ତୋଳନ ଓ ସଙ୍ଗୀତାଞ୍ଜଳି କରାଯାଇଥିଲା। ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସୁସଜ୍ଜିତ ଶ୍ରୀବିଗ୍ରହ ସହ ନଗର ପରିକ୍ରମା, ଯୁବ ସତ୍‌ସଙ୍ଗ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ସନ୍ଧ୍ୟାରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ପରେ ଛୋଟ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସତ୍‌ସଙ୍ଗ କେନ୍ଦ୍ର ଅଧ୍ୟକ୍ଷ ସପ୍ରତିକ ନିମାଇଁ ଚରଣ ଦାସ ପରିଚାଳନା କରିଥିଲେ। ସମ୍ପାଦକ ଅକ୍ଷୟ କୁମାର ପାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଆଲୋଚକ ଭାବେ ଭଦ୍ରକରୁ ଆସିଥିବା ନନ୍ଦ ଦୁଲାଲ ଦାସ ଯୋଗଦେଇ ଶ୍ରୀଶ୍ରୀଠାକୁରଙ୍କ ଅମୀୟ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଇଂ. କବିର ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ରନାଥ ଷଡ଼ଙ୍ଗୀ, ସତ୍ୟବାନ ତ୍ରିପାଠୀ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମାଗୁଣି ଚରଣ ସାହୁ, ପ୍ରେମାନନ୍ଦ ଦାସ, ତ୍ରିବିକ୍ରମ ମହାନ୍ତି, ଶ୍ରୀନିବାସ ଜେନା, ରତିକାନ୍ତ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ଅନୁରୂପ ଭାବେ ବାଲିକଣିଠାରେ ମଧ୍ୟାହ୍ନରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କୃଷ୍ଣ ଚନ୍ଦ୍ର ମହାପାତ୍ର, ବିଭୁତି ଭୂଷଣ ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଭାଇ ଓ ମା'ମାନେ ଏହାକୁ ପରିଚାଳନା କରିଥିଲେ।

# ବ୍ଲକରେ ମହିଳା ଲୋକପ୍ରତିନିଧିଙ୍କ ପାଇଁ ପ୍ରତିନିଧି ମନା

ଜଗତ୍‌ସିଂହପୁର, ୨୪।୨ (ପ୍ରମୋଦ କୁମାର ନାୟକ)

**ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକଙ୍କ ପ୍ରଶ୍ନର ଉତ୍ତର**

- ନ ମାନିଲେ ନିର୍ବାଚିତ ଜନପ୍ରତିନିଧିଙ୍କ ବିରୋଧରେ ହେବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ରାଜ୍ୟରେ ସମସ୍ତ ବ୍ଲକରେ ନିର୍ବାଚିତ ମହିଳା ପ୍ରତିନିଧି ଯଥା ସରପଞ୍ଚ, ସମିତି ସଭ୍ୟା, ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷମାନେ ସେମାନଙ୍କ ପ୍ରତିନିଧି ରଖିପାରିବେ କି ନାହିଁ ତା ଉପରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ ଅଣତାରକା ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ପଞ୍ଚାୟତରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ଦର୍ଶାଇଛନ୍ତି, ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କ ପାଇଁ କୌଣସି ପ୍ରତିନିଧି କିମ୍ବା ପ୍ରକ୍ସି ନିଯୁକ୍ତ କରିବା ନିର୍ଦ୍ଦିଷ୍ଟ ଆଇନଗତ ବ୍ୟବସ୍ଥା ନାହିଁ। ଆଇନର ପ୍ରାବଧାନ ଅନୁସାରେ ନିର୍ବାଚିତ ଜନପ୍ରତିନିଧି ନିଜର ଦାୟିତ୍ୱ ବ୍ୟକ୍ତିଗତ ଭାବେ ନିର୍ବାହ କରିବା ବାଧ୍ୟତାମୂଳକ। ପ୍ରତିନିଧିଙ୍କ ଦ୍ୱାରା କାର୍ଯ୍ୟ ପରିଚାଳନା ଓ ଅନ୍ୟମାନଙ୍କ ହସ୍ତକ୍ଷେପ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ସରକାର ସମସ୍ତ ଜିଲା ପ୍ରଶାସନକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅର୍ଥାତ୍ ନିୟମ ଅନୁଯାୟୀ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ। ଯେଉଁଠାରେ ଅଭିଯୋଗର ସତ୍ୟତା ପ୍ରମାଣିତ ହେଉଛି, ସେଠାରେ ସମ୍ପୃକ୍ତ ନିର୍ବାଚିତ ଜନପ୍ରତିନିଧି ଓ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଚେତାବନୀ ଜାରି କରିବା ଆବଶ୍ୟକ। ଆବଶ୍ୟକ ସ୍ଥଳେ ଆଇନର ବ୍ୟବସ୍ଥା ଅନୁଯାୟୀ ନିର୍ବାଚିତ ଜନପ୍ରତିନିଧିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିହେବ। ଏପରି କି ପ୍ରତିନିଧି ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ପ୍ରଚଳିତ ଆଇନଗତ ବ୍ୟବସ୍ଥା ଅନୁଯାୟୀ ଫୌଜଦାରୀ ମାମଲା ରୁଜୁ କରାଯିବ। ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକର ଗଣତାନ୍ତ୍ରିକ କାର୍ଯ୍ୟଧାରାକୁ ସୁରକ୍ଷିତ ରଖିବା ଏବଂ ନିର୍ବାଚିତ ମହିଳା ଜନପ୍ରତିନିଧିମାନେ ଯେପରି ସ୍ୱାଧୀନ ଭାବେ ନିଜର କ୍ଷମତା ପ୍ରୟୋଗ କରିପାରିବେ ତାହା ନିଶ୍ଚିତ କରିବା ପାଇଁ ସରକାର ପ୍ରତିବଦ୍ଧ ଅଟନ୍ତି। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ମାଧ୍ୟମରେ ଆବଶ୍ୟକ ପ୍ରଶାସନିକ ଓ ଆଇନଗତ ପଦକ୍ଷେପ କାର୍ଯ୍ୟକାରୀ କରାଯାଉଥିବା ଦର୍ଶାଯାଇଛି।

# ଅଭିଜ୍ଞ ଡାକ୍ତର ନିଯୁକ୍ତି, ଫିଜିଓଥେରାପି କେନ୍ଦ୍ର ଖୋଲିବା ଦାବିରେ ଧାରଣା


ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦିଆଯାଇଥିବା ଅଭିଯୋଗପତ୍ର।

କୁଜଙ୍ଗ, ୨୪।୨ (ମନୋଜ ପ୍ରଧାନ)

**ବରିଷ୍ଠ ନାଗରିକ ମଞ୍ଚର ଗଣଧାରଣା**

ବରିଷ୍ଠ ନାଗରିକ ମଞ୍ଚ କୁଜଙ୍ଗ ଶାଖା ପକ୍ଷରୁ ମଙ୍ଗଳବାର କେତେକ ସ୍ୱାସ୍ଥ୍ୟ ସମସ୍ୟା ଓ ତାର ନିରାକରଣ ସମ୍ବନ୍ଧିତ ୮ ଦଫା ଦାବି ନେଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗଣଧାରଣା ଦିଆଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚ ସଭାପତି ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣଧାରଣା ଓ ପ୍ରତିବାଦ ସଭାରେ ପୂର୍ବତନ ସରପଞ୍ଚ ବିଜୟ ଖଟାଇ, ରଜନୀକାନ୍ତ ଦାସ, କବି ପିତାମ୍ବର ତରାଇ, କୃଷକ ନେତା ବିଭୂତି ଭୂଷଣ ଜେନା, ନୂତନ ତ୍ରିପାଠୀ, ସୁବାସ ସାମନ୍ତରାୟ, ଡକ୍ଟର ଗଙ୍ଗାଧର ସାମନ୍ତରାୟ, ନବୀନ ପ୍ରଧାନ, ଆଇନଜୀବୀ ପ୍ରିୟମ୍ବଦା ପାଣି, ଗୀତା ଦାସ, ଜାନକୀ ମହାରଥା ପ୍ରମୁଖ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇ ଶଲ୍ୟ, ଦାନ୍ତ, ଚକ୍ଷୁ, ଗଳା ଓ ନାସା ଏବଂ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ନିଯୁକ୍ତି ସହ ଫିଜିଓଥେରାପି କେନ୍ଦ୍ର ଖୋଲିବାକୁ ଦାବି କରିଥିଲେ। ସେହିପରି ଘରୋଇ ଡାକ୍ତରଖାନାରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ମାଗଣା ଚିକିତ୍ସା ସୁବିଧା ପ୍ରଦାନ, ସ୍ୱାସ୍ଥ୍ୟ କେନ୍ଦ୍ରରେ ଜେନେରିକ ମେଡିସିନ ପ୍ରଚଳନ ଓ ବହୁମୂତ୍ର ରୋଗୀଙ୍କ ପରୀକ୍ଷା ପାଇଁ ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ଶେଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷିକା ଡା.ଚେତନା ପୁରୋହିତଙ୍କ ଜରିଆରେ ଜିଲା ମୁଖ୍ୟ ଚିକିତ୍ସା ଅଧୀକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

# ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ

ରଘୁନାଥପୁର, ୨୪।୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ଅଞ୍ଚଳରେ ଜଣେ ଆଦିବାସୀ ନାବାଳିକାଙ୍କୁ ଗତ ରବିବାର ବଳାତ୍କାର ଉଦ୍ୟମ କରାଯାଇଥିବା ନେଇ ପୀଡ଼ିତାଙ୍କ ମା' ରଘୁନାଥପୁର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ମାମଲା (ନଂ.୪୯/୨୬) ରୁଜୁ ହୋଇଛି। ମାତ୍ର ଏପର୍ଯ୍ୟନ୍ତ ଅଭିଯୁକ୍ତ ମଢ଼ିଆ ପଲେଇ (୬୧)ଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ଏଣେ ପୀଡ଼ିତାଙ୍କ ପରିବାର ପ୍ରତି ମୁହୂର୍ତ୍ତରେ ଭୟରେ ରହୁଥିବାବେଳେ ଅଭିଯୁକ୍ତଙ୍କୁ ଆଗୁଆ ଜାମିନରେ ଆଣି ମାମଲାକୁ ରଫାଦଫା କରିବା ପାଇଁ ଉଦ୍ୟମ ହେଉଥିବା ଚର୍ଚ୍ଚା ଚାଲିଛି। ସୂଚନାଯୋଗ୍ୟ ରବିବାର ଅପରାହ୍ନ ୪ଟା ବେଳେ ଏକ ଆଦିବାସୀ ପରିବାର ସଦସ୍ୟ କାମକୁ ଯାଇଥିଲାବେଳେ ଘରେ ୧୪ ବର୍ଷର ନାବାଳିକା ଏକା ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ମଢିଆ ତାଙ୍କ ଘରେ ପଶି ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାରେ ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବାରମ୍ବାର ପ୍ରୟାସ ଜାରି ରହିଥିବା ବେଳେ ସେ ଫେରାର ହୋଇଯାଇଥିବାରୁ ତାଙ୍କୁ ଧରିବାରେ ବିଳମ୍ବ ହେଉଛି ବୋଲି ଆଇଆଇସି ଏସ୍. କେ. ସେଠୀ କହିଛନ୍ତି।

# ବାଗୋଇରେ ହନୁମାନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା



କୁଜଙ୍ଗ, ୨୪।୨ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ଗ୍ରାମର ବଡ଼ଦଣ୍ଡା ସାହିଠାରେ ଶ୍ରୀ ହନୁମାନ ଜୀଉଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାରଠାରୁ ଆରମ୍ଭ ହୋଇଥିବା ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ ମଙ୍ଗଳବାର ରାତିରେ ସମାପନ ହୋଇଯାଇଛି। ରବିବାର ଅଙ୍କୁରାରୋପଣ, ସୋମବାର କଳସ ଯାତ୍ରା ଓ ଯଜ୍ଞରେ ଅଗ୍ନି ସ୍ଥାପନ ଓ ହନୁମାନ ଚକ୍ଷୁ ଦାନ କରାଯାଇଥିଲା। ଉକ୍ତ ମାଙ୍ଗଳିକ କାର୍ଯ୍ୟରେ ଅବିନାଶ ପ୍ରଧାନ ଓ ତାଙ୍କ ସ୍ତ୍ରୀ କର୍ତ୍ତାକର୍ତ୍ତ୍ରୀ ରୂପେ କାର୍ଯ୍ୟ ସମ୍ପାଦନ କରିଥଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନୂଆଗାଁ ମହାବୀର ପୀଠ ସାଧୁ ରାଜୁବାବା ଯୋଗଦେଇ ସତ୍‌ସଙ୍ଗ ଆର୍ଶୀବଚନ ପ୍ରଦାନ କରିଥିଲେ। ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ବିଜୟ ଖଟେଇ, ମନୋଜ ପ୍ରଧାନ, ରାଜୀବ ଚରଣ ବେହେରା, ବୈଷ୍ଣବ ପ୍ରଧାନ, ଶଶାଙ୍କ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ବଜାର ଖୋଲୁନାହିଁ, ଗ୍ରାହକ ହନ୍ତସନ୍ତ

ପାରାଦୀପ, ୨୪।୨ (ଶରତ ରାଉତ)

**ପରିବା ମାର୍କେଟ ଅଗ୍ନିକାଣ୍ଡ ଘଟଣା**

ପାରାଦୀପର ବଡ଼ପଡ଼ିଆଠାରେ ଥିବା ମୁଖ୍ୟ ପରିବା ମାର୍କେଟ ୩ ଦିନ ହେଲା ବନ୍ଦ ରହିଛି। ଏହାଦ୍ୱାରା ପାରାଦୀପର ଲୋକମାନେ ପରିବା ପାଇଁ ହୀନସ୍ତା ହେଲେଣି। ଏଥିଯୋଗୁ କେତେଜଣ ଲୋକ ଅଠରବାଙ୍କି ପରିବା ମାର୍କେଟ ଯାଉଛନ୍ତି। ସେଠାରେ ଅଳ୍ପ ଦୋକାନ ଥିବାରୁ ତାହା ପାରାଦୀପ ଲୋକଙ୍କ ଆବଶ୍ୟକତା ମେଣ୍ଟାଇବା ସମ୍ଭବ ହେଉନାହିଁ। ଅନ୍ୟ କେତେଜଣ ୨୦ କିମି ଦୂର କୁଜଙ୍ଗ ବଜାର ଯାଇ ପରିବା କିଣି ଆଣୁଛନ୍ତି। ଅପରପକ୍ଷେ ଅଗ୍ନି ବିପନ୍ନଙ୍କୁ ଭିନ୍ନ ଭିନ୍ନ ରାଜନେତା ଭେଟି ଆଲୋଚନା କରୁଛନ୍ତି। ସୂଚନାଯୋଗ୍ୟ, ପରିବା ମାର୍କେଟରେ ଗତ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୯୦ରୁ ଅଧିକ ଦୋକାନ ପୋଡ଼ି ଯାଇଥିଲା। ପରିବା ବ୍ୟବସାୟୀଙ୍କ ପାଇଁ ସ୍ଥାୟୀ ଶେଡ ନ ଥିବାରୁ ସେମାନେ ବାରମ୍ବାର ଏପରି ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ କରି ଏବେ ସମ୍ପୂର୍ଣ୍ଣ ବ୍ୟବସାୟ ବନ୍ଦ କରି ଦେଇଛନ୍ତି। ଯେପର୍ଯ୍ୟନ୍ତ ବ୍ୟବସାୟୀଙ୍କୁ ପିଣ୍ଡି ଓ ଆଜବେଷ୍ଟସ ଶେଡ କରିବା ପାଇଁ ସ୍ୱୀକୃତି ନ ମିଳିଛି ସେପର୍ଯ୍ୟନ୍ତ ମାର୍କେଟ ବନ୍ଦ ରହିବ ବୋଲି ବ୍ୟବସାୟୀ ମଙ୍ଗୁ ସାହୁ କହିଛନ୍ତି।

# ଅଷ୍ଟପ୍ରହରୀ ବେଳେ ଗଣ୍ଡଗୋଳ, ୩ କୋର୍ଟ ଚାଲାଣ

ରସୁଲପୁର, ୨୪।୨ (ରଞ୍ଜିତ ରାଉତ)

କୁଆଁଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ଗ୍ରାମରେ ଶନିବାର ଅଷ୍ଟପ୍ରହର ଚାଲୁଥିବାବେଳେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଉକ୍ତ ଗଣ୍ଡଗୋଳକୁ ନେଇ ଥାନାରେ ରୀନା ସାମଲ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ମୁତାବକ, ରୀନା ଗାଁ ଅଷ୍ଟପ୍ରହରୀରେ ଯୋଗଦେବା ପାଇଁ ବାପଘରକୁ ଆସିଥିଲେ। ଅଷ୍ଟପ୍ରହରୀ ନାମଯଜ୍ଞ ଚାଲୁଥିବା ବେଳେ କୌଣସି କାରଣରୁ ରୀନା ପରିବାର ଓ ଅଭିଯୁକ୍ତମାନଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏହାକୁ ରୀନା ବିରୋଧ କରିବାରୁ ଅଭିଯୁକ୍ତ ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଜଳକା ଗ୍ରାମର ଦୁର୍ଯ୍ୟୋଧନ ସାମଲ(୧୮) ଓରଫ ଗୁଲୁ, ଶ୍ରୀବନ୍ତପୁର ଗ୍ରାମର ପ୍ରତାପ ନାୟକ, ଅନୁଜ ଜେନା(୩୨) ଓରଫ ମଣ୍ଟୁ ରୀନାଙ୍କୁ ଦୁର୍ବ୍ୟବହାର କରିବା ସହ ମାରଣାସ୍ତ୍ର ଧରି ଘର ଭିତରକୁ ପଶି ମାରିଦେବାକୁ ଧମକ ଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଛି।

# ଇଡ୍‌କୋ ଅଧିଗୃହୀତ ଜମିରୁ ମାଟି ଉଠାଣକୁ ବିରୋଧ

କୁଜଙ୍ଗ, ୨୪।୨ (ମନୋଜ ପ୍ରଧାନ)

କଟକ-ପାରାଦୀପ ରେଳପଥ ସମ୍ପ୍ରସାରଣ କାର୍ଯ୍ୟରେ ଲକ୍ଷ୍ୟାଧିକ କ୍ୟୁବିକ ମିଟର ମାଟିର ଆବଶ୍ୟକତା ଥିବାରୁ ଠିକାଦାର ବିନା ଖଜଣାରେ ବେଆଇନ ଭାବେ ମାଟି ମାଫିଆଙ୍କ ଦ୍ୱାରା ଚୋରାରେ କୋଟି କୋଟି ଟଙ୍କାର ମାଟି ସଂଗ୍ରହ କରୁଥିବା ଚର୍ଚ୍ଚା ହେଉଛି। ଗତ ୧୬ ତାରିଖରେ କୁଜଙ୍ଗ ରାଜସ୍ୱ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ମାଟି ଖୋଳାରେ ବ୍ୟବହୃତ ପୋକ୍‌ଲିନ ଓ ୧୭ଟା ହାଇୱା ଚିହ୍ନଟ କରାଯାଇଥିଲା। ପୁନର୍ବାର ଆଉ ଦଳେ ମାଟି ମାଫିଆ ଇଡ୍‌କୋ ଦ୍ୱାରା ଅଧିଗୃହୀତ ପ୍ରତପାପୁର ଓ ଫତେପୁର ଗହିରରୁ ସୋମବାର ରାତିରେ ବେଆଇନ ଭାବେ ମାଟି ଉଠାଇଥିଲେ। ମଙ୍ଗଳବାର ଭୋରୁ ଏ ସଂକ୍ରାନ୍ତରେ ଜମି ହରା କୃଷକ କମିଟି ଖବର ପାଇବାପରେ ଘଟଣାସ୍ଥଳକୁ ଯାଇ ବିରୋଧ କରିଥିଲେ। ସେମାନେ ଯୁକ୍ତି କରିଥିଲେ, ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିରୁ ଶିଳ୍ପ ପାଇଁ ଜମି ଇଡ୍‌କୋକୁ ହସ୍ତାନ୍ତର କରିଥିଲେ। ମାତ୍ର ଅଦ୍ୟାବଧି ଜମିର ପ୍ରକୃତ ମୂଲ୍ୟ ପାଇବା ନିମନ୍ତେ ଚାଷୀ ସର୍ବୋଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି। ଜମିର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟରେ ମୋକଦ୍ଦମା ବିଚାରାଧୀନ ଥିବାବେଳେ ଉକ୍ତ ଜମିର ମାଟି ଉପରେ କେବଳ ଚାଷୀମାନଙ୍କ ହକ୍ ରହିଛି ବୋଲି ବରୁଣେଇ କୃଷକ ଏକତା ମଞ୍ଚର ଚାଷୀମାନେ କହିଛନ୍ତି। ଏନେଇ ମଙ୍ଗଳବାର ଦିନ ତମାମ ମଞ୍ଚ ପକ୍ଷରୁ କାର୍ଯ୍ୟାଳୟରେ ଆଲୋଚନା ଜାରି ରହିଥିବା ସଭାପତି ସଂଗ୍ରାମ ରାଉତରାୟ, ସମ୍ପାଦକ ଅଭୟ ସାମଲ, ଉପଦେଷ୍ଟା ଗୌରହରି ସ୍ୱାଇଁ ପ୍ରମୁଖ କହିଛନ୍ତି। ଜମିହରା ଚାଷୀମାନେ ମୁଠେ ମାଟି ଉଠାଇବାକୁ ସାହସ ବାନ୍ଧି ପାରୁନ ଥିବା ବେଳେ ଏହି ମାଫିଆମାନେ କାହା ବଳରେ ଏଭଳି ଦୁଃସାହସ କରୁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସୋମବାର ରାତିରେ ବେଆଇନ ମାଟି ଉଠାଣ ସମ୍ପର୍କରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କୁ ପଚାରିବାରେ ସେ ମାଟି ଉଠା ଭିଡିଓ ଏବଂ ଫଟୋ ପାଇଛନ୍ତି। ମାଟି ମାଫିଆମାନେ ଯେଉଁଭଳି ଉତ୍ପାତ କରୁଛନ୍ତି ତାହାର ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି ବୋଲି କହିଛନ୍ତି।

# ଦେବୀନଦୀ ପଠାରୁ ବାଲି ଉଠାଣ ବନ୍ଦ ଦାବି

ନାଉଗାଁ, ୨୪।୨ (ସୁଧା ବେହୁରା)

**ଜିଲାପାଳ, ଏମ୍‌ପି, ବିଧାୟକଙ୍କୁ ଲିଖିତ ଅଭିଯୋଗ**


ବାଲିଘାଟକୁ ବିରୋଧ କରୁଥିବା ଗ୍ରାମବାସୀ।

ଦେବୀନଦୀର କୂଳରୁ ବାଲି ଉଠାଣକୁ ବିରୋଧ କରି ଜଗତସିଂହପୁର ଜିଲା ନାଉଗାଁ ତହସିଲ ଓ ପୁରୀ ଜିଲା କାକଟପୁର ତହସିଲ ଅଧିନ ସ୍ଥାନୀୟ ଗ୍ରାମବାସୀ ମେଳି ହୋଇଛନ୍ତି। ନାଉଗାଁ ତହସିଲ ଅଧିନ ଗାରୋଇ ଓ ପଡାଗ୍ରାମ ଡାହାଣିଖିଆ ଗ୍ରାମବାସୀ ଉଭୟ ଜଗତସିଂହପୁର ଓ ପୁରୀ ଜିଲାପାଳଙ୍କ ସମେତ ଜଗତସିଂହପୁର ଏସ୍‌ପି, ବିଧାୟକ ଓ ଏମ୍‌ପିଙ୍କ ନିକଟରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିବା ବେଳେ କାକଟପୁର ତହସିଲ ଅଧିନ ଗ୍ରାମବାସୀ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇଙ୍କୁ ଦେବୀନଦୀରେ ଥିବା ବାଲି ସୈରାତ ବୁଲାଇ ଦେଖାଇଛନ୍ତି।

ନାଉଗାଁ ତହସିଲ ଅନ୍ତର୍ଗତ ଗାରୋଇ ଓ ପଡାଗ୍ରାମ ଡାହାଣିଖିଆ ଗ୍ରାମବାସୀ ବିଦ୍ୟାଧର ପରିଡା, ପାଣ୍ଡବ ସାହୁ, ଆଲୋକ ପାଳ, କୋରୁଆ ସମିତି ସଭ୍ୟ ପପୁରଞ୍ଜନ ମଲିକ, କୃପାସିନ୍ଧୁ ଦାସ, ସୁଶାନ୍ତ ପରିଡା ପ୍ରମୁଖଙ୍କ ଅଭିଯୋଗ ମୁତାବକ, ଏହି ରାଜସ୍ୱ ଗ୍ରାମ ଓ ପଡାଗ୍ରାମରେ ୭ଟି ୱାର୍ଡ ରହିଥିବା ବେଳେ ଅଢେଇ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମଟି ପୁରୀ ଜିଲା ସୀମାବର୍ତ୍ତୀ ଗ୍ରାମ ହୋଇଥିବା ବେଳେ ଏହାର ପୂର୍ବରେ ଅସ୍ତରଙ୍ଗ ତହସିଲ ଓ ଦକ୍ଷିଣରେ କାକଟପୁର ତହସିଲ ଅଞ୍ଚଳ ସଂଲଗ୍ନ ରହିଛି। ୨୦୧୭ ରୁ ବାଲି ମାଫିଆମାନେ ଏହି ପଠାରୁ ବାଲି ଉଠାଇବା ପାଇଁ ଚେଷ୍ଟା ଚଳାଇଛନ୍ତି। କିନ୍ତୁ ଗ୍ରାମବାସୀବିରୋଧ କରିବାରୁ ବାଲି ଉଠାଇବା ପାଇଁ ସେମାନେ ସକ୍ଷମ ହୋଇ ପାରୁନାହାନ୍ତି। ଚଳିତ ବର୍ଷ ବାଲି ମାଫିଆ ଗ୍ରାମର ମୁଖ୍ୟରାସ୍ତାରୁ ପଠାକୁ ଗଡ଼ିବା ପାଇଁ ଏକ ରାସ୍ତା ନିର୍ମାଣ କରିବା ଆରମ୍ଭ କରିଥିଲେ। ଏହାକୁ ଗ୍ରାମବାସୀ ଦୃଢ ବିରୋଧ କରିଥିଲେ। ମାତ୍ର ଉକ୍ତ ଘାଟକୁ ଲିଜ୍ ନେଇଥିବା କହିଥିଲେ। ଯାହାକି ବିଶ୍ୱାସଯୋଗ୍ୟ ନୁହେଁ। ସରକାରୀ ନିୟମ ଅନୁସାରେ ଏହି ବାଲିଘାଟ ପାଇଁ କୌଣସି ଜନଶୁଣାଣି କିମ୍ବା ଗ୍ରାମସଭା ହୋଇନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ମହାବାତ୍ୟା ପରେ ନଦୀକୁ ସଂଲଗ୍ନ କରୁଥିବା ଗୋଚର ଓ ଅନାବାଦୀ ଜମିରେ ପ୍ରାୟ ୧୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଗ୍ରାମବାସୀଙ୍କ ଉଦ୍ୟମରେ ଚାରାରୋପଣ କରାଯାଇଛି। ସେହିପରି ଚଳିତ ବର୍ଷ 'ମା ପାଇଁ ଗଛଟିଏ' ଯୋଜନାରେ ମଧ୍ୟ ଚାରାରୋପଣ କରାଯାଇଛି। ଏହି ସ୍ଥାନଟି ଏକ ପର୍ଯ୍ୟଟନୀସ୍ଥଳୀ ଭାବେ ସ୍ଥାନୀୟ ଲୋକ ଓ ବାହାର ସ୍ଥାନରୁ ଆସୁଥିବା ଜନସାଧାରଣ ବଣଭୋଜି କରିଥାନ୍ତି। ଯଦି ଉକ୍ତ ସ୍ଥାନରେ ବାଲି ସୈରାତଟି ନିଲାମ ପ୍ରଦାନ କରାଯାଇଥାଏ ତେବେ ବାଲି ଉତ୍ତୋଳନ ଫଳରେ ନଦୀର ଦିଗ ପରିବର୍ତ୍ତନ ହେବା ସହିତ ଭବିଷ୍ୟତରେ ଏହି ଗ୍ରାମ ଦେବୀନଦୀରେ ଲୀନ ହେବାର ଆଶଙ୍କା ରହିଛି। ଗ୍ରାମ ଦେଇ ଯାଇଥିବା ରାସ୍ତାରେ ପ୍ରତ୍ୟେହ ଭାରିଯାନ ଗଲେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିବ। ଫଳରେ ପିଲା କିମ୍ବା ଗ୍ରାମବାସୀ ବାହରକୁ ବାହାରିପାରିବେ ନାହିଁ। ଏସବୁ ବିଷୟକୁ ବିଚାର କରାଯାଇ ନିଲାମ ପ୍ରଦାନ କରାଯାଇଥିବା ବାଲି ସୈରାତରୁ ବାଲି ଉଠାଣ ବନ୍ଦ କରିବା ପାଇଁ ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପଟରେ ଜଗତ୍‌ସିଂହପୁର ଏମ୍‌ପି ତରାଇ କାକଟପୁର ତହସିଲ ଅଧୀନ ମୁତୁଣିଆ ଗ୍ରାମରେ ପହଞ୍ଚି ଉକ୍ତ ଗ୍ରାମର ଗ୍ରାମବାସୀଙ୍କ ସହ ବାଲିଘାଟ ବିଷୟରେ ଆଲୋଚନା କରିବା ସହ ଏହାର ସମାଧାନ ପାଇଁ ବୁଧବାର କାକଟପୁର ପ୍ରଶାସନ ସହ ଆଲୋଚନା କରିବେ ବୋଲି ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ବିରଜା-ତୁଳସୀକ୍ଷେତ୍ର ସଂଯୋଗୀକରଣ ସ୍ୱପ୍ନ ଅଧୁରା

## ଢିହବାରିଙ୍ଗି ସେତୁ ଶେଷ ପାଇଁ ଆନ୍ଦୋଳନ ଡାକରା

**ଯାଜପୁର,୨୪।୨(ହର୍ଷବର୍ଦ୍ଧନ ବେହେରା):**



ଅଧାପନ୍ତରିଆ ଭାବେ ରହିଥିବା ପଣ୍ଡୁଆ ନଦୀ ସେତୁ।

ବିରଜା କ୍ଷେତ୍ର ଯାଜପୁର ଏବଂ ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ା ମଧ୍ୟରେ ସଂଯୋଗୀକରଣ ଯୋଜନା ଦୀର୍ଘ ୬୬ବର୍ଷ ଧରି ପଡ଼ି ରହିଛି। ଯାଜପୁର ଜିଲାର ବିଞ୍ଝାରପୁର-ବରୀ ସୀମାରେ ପ୍ରବାହିତ ପଣ୍ଡୁଆ ନଦୀ ଉପରେ ନିର୍ମାଣାଧୀନ ସେତୁଟି ଅଧାପନ୍ତରିଆ ହୋଇ ପଡି ରହିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସେତୁଟିର ନିର୍ମାଣ ସମ୍ପୂର୍ଣ୍ଣ ହେଲେ ପ୍ରାୟତଃ ଦେଢଲକ୍ଷ ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି। ବିରଜାକ୍ଷେତ୍ର-ତୁଳସୀକ୍ଷେତ୍ରର ଯୋଗାଯୋଗ ସହିତ ବିଞ୍ଝାରପୁର, ବରୀ, ରତ୍ନଗିରି, ଆଳି, ରାଜକନିକା, କେନ୍ଦ୍ରାପଡ଼ା ଓ ଯାଜପୁରର ଅଧିବାସୀ ତଥା ସରକାରୀ କର୍ମଚାରୀ ବିଶେଷ ସମସ୍ତ ଦିଗରୁ ଲାଭବାନ୍ ହୋଇପାରିବେ। ୨ଟି ଜିଲାକୁ ନେଇ ଏକ ସାଂସ୍କୃତିକ ବଳୟ ସୃଷ୍ଟି ହୋଇ ପାରିବ। ହେଲେ ସେତୁ ନିର୍ମାଣର ଦୀର୍ଘ ୮ବର୍ଷ ଧରି ୨ ଜିଲାବାସୀ ଅପେକ୍ଷା କରି ଏବେ ଧୈର୍ଯ୍ୟ ହରାଇ ବସିଛନ୍ତି। ସେତୁ ନିର୍ମାଣ ସରିବା ପରେ ତା'ର ୨ ପାଖରେ ଆପ୍ରୋଚ୍ ରାସ୍ତା ନିର୍ମାଣ ହୋଇପାରିନାହିଁ। ଫଳରେ ଏହି କାର୍ଯ୍ୟରେ ଯନ୍ତ୍ରୀ ଓ ସମ୍ପୃକ୍ତ ଠିକାଦାର ବାଧକ ସାଜିଥିବା ନେଇ ଧୋଆଞ୍ଚଳବାସୀ କହିଛନ୍ତି। ଯାଜପୁର ଜିଲାପାଳଙ୍କୁ ଅଞ୍ଚଳବାସୀ ୫ ବର୍ଷ ଧରି ଦାବି, ସ୍ମାରକପତ୍ର ଦେଇ ଦୁଃଖ ଜଣାଇ ଆସୁଥିଲେ ହେଁ ଏହି କାର୍ଯ୍ୟ ଶେଷ ପ୍ରତି ସମସ୍ତେ ଆଖି ବୁଜି ଦେଇଛନ୍ତି ବୋଲି ଅଭିଯୋଗ ହେଉଛି।

ଓଡ଼ିଶାରେ ଗ୍ରାମାଞ୍ଚଳର ଅଧିବାସୀଙ୍କ ଯୋଗାଯୋଗର ପ୍ରମୁଖ ମାଧ୍ୟମ ହେଉଛି ସଡ଼କପଥ। ଏହି ଯୋଜନାରେ ଅଧିକ ଆର୍ଥିକ ଅନୁଦାନର ବ୍ୟବସ୍ଥା ସହ ଠିକାକାମକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଜିଲାର ଯେକୌଣସି ବିଜୁ ସେତୁ ଯୋଜନା କାର୍ଯ୍ୟକୁ ଦେଖିଲେ ସ୍ୱାଭାବିକ ଭାବେ ଏହାର ସଫଳତା ନିରୂପଣ କରିହେବ। ନଦୀନାଳ ଭରା ଅଞ୍ଚଳରେ ଲୋକେ ଏହି ସେତୁ ଦ୍ୱାରା ଅନ୍ୟ ସ୍ଥାନକୁ ସହଜରେ ଯାଆସ କରୁଛନ୍ତି। ହେଲେ ଠିକା କାମ ପରିଚାଳନାରେ ଗ୍ରାମ୍ୟ ନିର୍ମାଣ ବିଭାଗର ବିଫଳତା କାରଣରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ବାଧକ ସାଜିଛି। ଏହାର ଫାଇଦା ନେଉଛନ୍ତି ସମ୍ପୃକ୍ତ ଠିକାଦାରମାନେ। ଠିକାଦାରମାନେ ପ୍ରକଳ୍ପ ବିଳମ୍ବ ହେବାର ଆଳରେ ବର୍ଦ୍ଧିତ ଦର ଆବେଦନ କରି ଅଧିକ ଲାଭବାନ ହେଉଛନ୍ତି। ଏଥିରେ ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତୁରା ରହିଥିବା ଅଭିଯୋଗ ହେଉଛି। ଏଠାରେ ଯାଜପୁର ଜିଲାର ପଣ୍ଡୁଆ ନଦୀ ଉପରେ ନିର୍ମାଣାଧୀନ ସେତୁଟିକୁ ଉଦାହରଣ ଭାବେ ନିଆଯାଇପାରେ। ଡିସେମ୍ବର ୬ରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସଭାପତି ପାଣ୍ଡବ ଚରଣ ଧଳ, ପୂର୍ବତନ ଭାଜପା ଜିଲା ସଭାପତି ଆଶୁତୋଷ ପରିଡା, କଣ୍ଟିପୁରର ପୂର୍ବତନ ସରପଞ୍ଚ ଅଟଳ ବିହାରୀ ନାୟକଙ୍କ ନେତୃତ୍ୱରେ ବହୁ ଲୋକ ଯାଜପୁର ଜିଲାପାଳଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ଦେଇ ଏହି ସେତୁର କାମ ଶେଷ ପାଇଁ ଅନୁରୋଧ କରିଥିଲେ। ହେଲେ ଏହାକୁ ଅଢେଇମାସ ବିତିଯାଇଥିଲେ ହେଁ ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ଦ୍ୱାରା ଏବେ ଆନ୍ଦୋଳନ ମୁଣ୍ଡ ଟେକିଛି।

ସୂଚନା ଅନୁସାରେ, ୨୦୧୭ରେ ଏହି ସେତୁ ନିର୍ମାଣର ଶେଷ ହେବାର ସମୟସୀମା ପାରହୋଇଯାଇଛି। ୯ ବର୍ଷ ଧରି ସେତୁ କାମ କାହିଁକି ଶେଷ କରାଯାଉନାହିଁ ଏବେ ସବୁରି ମନରେ ପ୍ରଶ୍ନ ଉଠିଛି। ଏହି ପ୍ରକଳ୍ପ ପାଇଁ ପ୍ରଥମେ ୧୮ କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା। ଏବେ ପୂର୍ଣ୍ଣାଙ୍ଗ ପାଇଁ ୫୪ କୋଟିରେ ପହଞ୍ଚିଛି। ତଥାପି ଯନ୍ତ୍ରୀ ଓ ଠିକାଦାର ବର୍ଦ୍ଧିତ ଦର ଆହୁରି ୮୦ କୋଟି ଟଙ୍କାକୁ ଅନେଇ ବସିଛନ୍ତି ବୋଲି ଅଭିଯୋଗ ହେଉଛି। ଗତବର୍ଷରୁ ଚଳିତ ମାସ ମଧ୍ୟରେ ଜନସାଧାରଣଙ୍କ ପକ୍ଷରୁ ୩ ଥର ଆନ୍ଦୋଳନ କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ତଥାପି ଲୋକଙ୍କ କଥା ଶୁଣିବାକୁ ସରକାର ନୀରବ। ୨୦୨୫ ଡିସେମ୍ବରରେ ସେହି ସେତୁ ପାଖରେ ପୂର୍ବତନ ସରପଞ୍ଚ ଅଟଳ ବିହାରୀ ନାୟକଙ୍କ ନେତୃତ୍ୱରେ ଏକ ଆନ୍ଦୋଳନ କରାଯାଇ ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନ ନେଇ ନିଦାବିଷ୍ଟ ପାଲଟିଛନ୍ତି। ଏହି ସେତୁଟିର ନିର୍ମାଣ ନିମନ୍ତେ ପଢିହାରୀ କନଷ୍ଟ୍ରକଶନ ଠିକାଦାରଙ୍କ ଦାୟିତ୍ୱ ଦିଆଯାଇଥିଲା। ବହୁ ବିଳମ୍ବରେ ସେତୁଟିର ନିର୍ମାଣ ସାରି ଆପ୍ରୋଚ୍ ରାସ୍ତା ନିର୍ମାଣ ନ କରି ଠିକାଦାର ଛୁ ମାରିଥିଲେ। ଲୋକମାନଙ୍କ ବହୁ ଦାବି ଓ ଆନ୍ଦୋଳନ ପରେ ସମ୍ପୃକ୍ତ ଠିକାଦାର ପୁଣି ଆସି ନିର୍ମାଣ ନ ହୋଇଥିବା ସେତୁଟିର ଉପରିଭାଗ କାମ ସାରିଦେଇ ପଳାଇଯାଇଛନ୍ତି। ସଂଯୋଗୀ ରାସ୍ତା ପାଇଁ ଜମି ମିଳୁ ନ ଥିବା ଅଭିଯୋଗ କରୁଥିବା ବେଳେ ପ୍ରକୃତରେ ଘରୋଇ ଜାଗା ଛାଡିବା ପାଇଁ ଜମି ମାଲିକ ରାଜି ଥିଲେ। କିନ୍ତୁ ସେମାନେ ତାହାକୁ ଆଳ କରି ସେତୁଟିକୁ ଅଧୁରା ରଖି ସରକାରଙ୍କୁ ମୂଳଚାଳ କରି ଟେଣ୍ଡର ବୃଦ୍ଧି କରିବା ତାଙ୍କର ଲକ୍ଷ୍ୟ ବୋଲି ସ୍ଥାନୀୟ ଉନ୍ନୟନ ପରିଷଦର ସଭାପତି ନରହରି ସାମଲ, ଗୋବିନ୍ଦ ସାମଲ, ଗୋପୀନାଥ ଦାଶ, ଅଜୟ କୁମାର ସାମଲ, ପ୍ରମୋଦ କୁମାର ସାମଲ ପ୍ରମୁଖ କହିବା ସହ ସୋମବାର ଏଥିପାଇଁ ଏକ ବୈଠକରେ ଆନ୍ଦୋଳନର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହାସହ ଅଞ୍ଚଳବାସୀ ଏକ ଲିଖିତ ସ୍ମାରକପତ୍ରରେ ସ୍ୱାକ୍ଷର କରି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯାଇ ତାଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ସିଦ୍ଧାନ୍ତ କରିଛନ୍ତି।

# କ୍ରୋମାଇଟ୍ ଚୋରା ବ୍ୟବସାୟୀ ପୁଣି ସକ୍ରିୟ



କ୍ରୋମାଇଟ୍ ବୋଝେଇ ହୋଇଥିବା ୨ ହାଇୱା ଥାନାରେ ଅଟକ ।

**କାଳିଆପାଣି, ୨୪।୨ (ଅସିତ ମହାନ୍ତ )**

- କ୍ୟାମ୍ପ୍ ମାଟି ତଳେ ବହୁ କୋଟି ଟଙ୍କାର କ୍ରୋମାଇଟ୍
- ୨ ହାଇୱାକୁ ଜବତ କଲା ପୋଲିସ, ଡ୍ରାଇଭର ଫେରାର

ଯାଜପୁର ଜିଲାର ସୁକିନ୍ଦା କ୍ରୋମ୍ ଉପତ୍ୟକାରେ କ୍ରୋମାଇଟ୍ ଚୋରା ବ୍ୟବସାୟୀ ଏବେ ପୁଣି ସକ୍ରିୟ ହୋଇ ଉଠୁଛନ୍ତି। କାଳିଆପାଣି ଅଞ୍ଚଳରେ ବନ୍ଦ ପଡ଼ିଥିବା ଖଣିରୁ ଖଣିଜ ଲୁଟ୍ ହେଉଛି। କେତେବେଳେ ପୋତା ହୋଇ ରଖାଯାଇଥିବା ଖଣିକୁ ରାତିଅଧିଆ ଚୋରାଚାଲାଣ କରାଯାଉଛି। ଏ ସମ୍ପର୍କରେ ଖଣି ବିଭାଗ, ସ୍ଥାନୀୟ ଟମ୍କା ଥାନା ପୋଲିସ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଗତ ୨୦ ତାରିଖ ସନ୍ଧ୍ୟାରେ କ୍ରୋମାଇଟ୍ ଖଣିଜ ବୋଝେଇ ହୋଇଯାଉଥିବା ୨ ହାଇୱାକୁ ଟମ୍କା ଛକର କେତେଜଣ ଯୁବକ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଥିଲେ। ଅନ୍ୟ ୨ ହାଇୱା କୌଶଳକ୍ରମେ ଘଟଣା ସ୍ଥଳରୁ ଚମ୍ପଟ୍ ମାରିଥିବା ବେଳେ ନଂ. ଓଡି ୦୨ ବିପି ୨୧୨୨ ଓ ଓଡି ୩୪ ଏଲ ୭୯୦୭ ହାଇୱା ଦୁଇଟିକୁ ପୋଲିସ ଅଟକ ରଖିଛି। ଏ ନେଇ ପୋଲିସ ଖଣି ବିଭାଗକୁ ସୂଚନା ଦେଇଥିବା ବେଳେ ୨୧ ତାରିଖରେ ବିଭାଗୀୟ ଅଧିକାରୀ ଥାନାରେ ପହଞ୍ଚି ରାତିରେ ବୋଝେଇ ଥିବା ଖଣିଜ ସାମଗ୍ରୀର ମାନ ପରୀକ୍ଷା ପାଇଁ ନମୁନା ନେଇଥିବା ସୂଚନା ମିଳିଛି। ତେବେ ଏହି ହାଇୱା ବୋଝେଇ ହୋଇ ଆସୁଥିବା ଖଣିରୁ ସୁକିନ୍ଦାର ଜଣେ ପ୍ରତିଷ୍ଠିତ ପୂର୍ବତନ ଖଣି ଠିକାଦାରଙ୍କ ପରିତ୍ୟକ୍ତ କ୍ୟାମ୍ପରୁ ଆସିଥିବା ଟମ୍କା ପୋଲିସ ସୂଚନା ଦେଇଛି। ଉକ୍ତ କ୍ୟାମ୍ପରୁ ପୂର୍ବରୁ ବହୁ ସଂଖ୍ୟକ ହାଇୱାରେ ଖଣିଜ ସାମଗ୍ରୀ ଚୋରାଚାଲାଣ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ ପୋଲିସକୁ କହିଛନ୍ତି। ତେବେ ସେଠିକାର ପରିସ୍ଥିତି ଅନୁଧ୍ୟାନ କରି ଏକାଧିକ ଟ୍ରିପ୍ ଖଣିଜ ଚୋରାଚାଲାଣ ହୋଇଥିବା ଦେଖିବାକୁ ମିଳିଛି। ସେଠାରେ ଏବେ ବି ୨୦୦ରୁ ଅଧିକ ଟ୍ରିପ୍ ଖଣିଜ ସାମଗ୍ରୀ ପୋତା ହୋଇ ରହିଛି। ଅନ୍ୟପକ୍ଷରେ ଖଣିଜ ବୋଝେଇ ଅଟକ ୨ ହାଇୱା ବ୍ରାହ୍ମଣୀପାଳ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମାଲିକାନାରେ ରହିଥିବା ପୋଲିସ ଜାଣିବାକୁ ପାଇଛି। ହାଇୱାକୁ ଟମ୍କାର କେତେଜଣ ଯୁବକ ଅଟକାଇବା ସମୟରେ ଏହି ବେଆଇନ ପରିବହନରେ ସମ୍ପୃକ୍ତ ଥିବା ସ୍ଥାନୀୟ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଏହି ଖଣିଜ ସାମଗ୍ରୀକୁ ମାଟି ବୋଲି କହି ସଫେଇ ଦେଇଥିଲେ।

# ଅଷ୍ଟପ୍ରହରୀ ବେଳେ ଗଣ୍ଡଗୋଳ, ୩ କୋର୍ଟ ଚାଲାଣ

**ରସୁଲପୁର,୨୪।୨(ରଞ୍ଜିତ ରାଉତ)**

କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ଗ୍ରାମରେ ଶନିବାର ଅଷ୍ଟପ୍ରହର ଚାଲୁଥିବାବେଳେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଉକ୍ତ ଗଣ୍ଡଗୋଳକୁ ନେଇ ଥାନାରେ ରୀନା ସାମଲ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ମୁତାବକ, ରୀନା ଗାଁ ଅଷ୍ଟପ୍ରହରୀରେ ଯୋଗଦେବା ପାଇଁ ବାପଘରକୁ ଆସିଥିଲେ। ଅଷ୍ଟପ୍ରହରୀ ନାମଯଜ୍ଞ ଚାଲୁଥିବା ବେଳେ କୌଣସି କାରଣରୁ ରୀନା ପରିବାର ଓ ଅଭିଯୁକ୍ତମାନଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏହାକୁ ରୀନା ବିରୋଧ କରିବାରୁ ଅଭିଯୁକ୍ତ ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଜଳକା ଗ୍ରାମର ଦୁର୍ଯ୍ୟୋଧନ ସାମଲ(୧୮) ଓରଫ ଟୁକୁ, ଶ୍ରୀବନ୍ତପୁର ଗ୍ରାମର ପ୍ରତାପ ନାୟକ, ଅନୁଜ ଜେନା(୩୨) ଓରଫ ମଣ୍ଟୁ ରୀନାଙ୍କୁ ଦୁର୍ବ୍ୟବହାର କରିବା ସହ ମାରଣାସ୍ତ୍ର ଧରି ଘର ଭିତରକୁ ପଶି ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ନଂ. ୮୨/୨୬ରେ ମାମଲା ରୁଜୁକରିବା ସହ ଅଭିଯୁକ୍ତମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଏସ୍‌ଆଇ ଅନିତା ଜେନା ମାମଲାର ତଦନ୍ତ କରୁଛନ୍ତି।

# ଦେଶୀମଦ ଜବତ, ବ୍ୟବସାୟୀ ଗିରଫ

**ପାଣିକୋଇଲି, ୨୪।୨ ( ବିକାଶ ଚନ୍ଦ୍ର ମଲ୍ଲିକ)**

ପାଣିକୋଇଲି ଥାନା ପୋଲିସ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ଜଣେ ଦେଶୀମଦ ବ୍ୟବସାୟୀଙ୍କୁ ମଙ୍ଗଳବାର ଧରିବା ସହ ତାଙ୍କ ନିକଟରୁ ମଦ ଜବତ କରି ଗିରଫ କରିଛି। ସବ୍‌ଇନ୍ସପେକ୍ଟର ସୁମିତ କୁଜୁର ସନ୍ଧ୍ୟା ପାଟ୍ରୋଲିଂ ସମୟରେ ରୁଡିଆଠାରେ ଦେଶୀମଦ ବେପାର ହେବାର ଖବର ବିଶେଷ ସୂତ୍ରରୁ ପାଇ ସେଠାରେ ଚଢ଼ାଉ କରିଥିଲେ। ସେହି ସମୟରେ ରୁଡିଆଠାରେ ସନ୍ଦେହଜନକ ଭାବେ ଜଣଙ୍କୁ ଅଟକାଇ ପଚାରିବାରୁ ତାଙ୍କ ନିକଟରୁ ଏକ ଧଳା ୧୦ ଲିଟିରିଆ ଜାର ମିଳିଥିଲା, ଯାହା ମଧ୍ୟରେ ୮ ଲିଟର ଦେଶୀ ମଦ ଥିଲା। ଏହାକୁ ବେଆଇନ ଭାବେ ସେ ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ମଦ ବ୍ୟବସାୟୀ ମାଳଆନ୍ଦପୁର ଗ୍ରାମର ଅତୁଲ ବେହେରା (୫୫)ଙ୍କୁ ଥାନାକୁ ଆଣିବା ପରେ ନଂ. ୫୬/୨୬ରେ ମାମଲା ରୁଜୁ ସହ ଗିରଫ କରାଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅଜିତ୍



@ ବାବୁ



@ ମନୋଜ



@ ମୃତ୍ୟୁଞ୍ଜୟ



@ ସଚିକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିତୁ ଇଲେଭେନ୍, ଏସ୍‌ଜି କ୍ଲବ୍ ଆଦମପୁର ବିଜୟୀ

## ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଧର୍ମଶାଳା, ୨୪।୨ (ବଟକୃଷ୍ଣ ପରିଡ଼ା):**



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ଧର୍ମଶାଳା ବ୍ଲକ୍ ମିର୍ଜାପୁରସ୍ଥିତ ଦନାମଠ ଖେଳପଡ଼ିଆରେ ୩ୟ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା କ୍ରିକେଟ୍ ତାରକା ବସନ୍ତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବନ୍ଦେ ଉତ୍କଳ ଜନନୀର ସଭାପତି ଅଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବ୍ରଜକିଶୋର ମହାନ୍ତି, ସାମାଜିକ କର୍ମୀ ଅଭିମନ୍ୟୁ ଧଳ, ମ୍ୟାଚ୍ ପରିଚାଳକ ଦୟାନିଧି ଦାଶ, ବନ୍ଦେ ଉତ୍କଳ ଜନନୀର ସମ୍ପାଦକ ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ, ଯୋଜନା ଦଳପତି ମନୋରଞ୍ଜନ ସେଠୀ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ। ଉଦ୍‌ଘାଟନୀ ଅବସରରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ନେତାଜୀ ସ୍ପୋର୍ଟିଂ କ୍ଲବ୍, କାଏମା ଏବଂ ଜିତୁ ଇଲେଭେନ୍, ଜାରକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିତୁ ଇଲେଭେନ୍ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ୍ ହରାଇ ୨୬୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପୁପୁନ୍ ସାମଲ ୨୬ ବଲରେ ସର୍ବାଧିକ ୬୪ ରନ୍ ସଂଗ୍ରହ କରିଥିଲେ। ଜବାବରେ କାଏମା ଦଳ ୧୫ ଓଭରରେ ୭ ଉଇକେଟ୍ ହରାଇ ୧୮୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଛତିଆ ଓ ଏସ୍.ଜି. କ୍ଲବ୍, ଆଦମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଦମପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ୍ ହରାଇ ୧୮୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଛତିଆ ଦଳ ୮ ଉଇକେଟ୍ ହରାଇ ୧୬୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଅମ୍ପାୟାର ଭାବେ ତିଲକ୍ ଜେନା, ଲିପୁ ବରାଳ ଓ ମୃତ୍ୟୁଞ୍ଜୟ ବରାଳ ଖେଳ ପରିଚାଳନା କରିଥିଲେ।

# ପାଇପ୍ ଫାଟି କେନାଲରେ ପଶୁଛି ପାନୀୟ ଜଳ

**ଚଣ୍ଡିଖୋଲ,୨୪।୨ (ପ୍ରଦୀପ୍ତ କୁମାର ପୃଷ୍ଟି)**



ପାଇପ୍ ଫାଟିଯିବାରୁ କେନାଲକୁ ପାନୀୟ ଜଳ ଯାଉଛି।

ପାନୀୟ ଜଳ ଓ ପରିମଳ ବିଭାଗ ଚଣ୍ଡିଖୋଲ ଡିଭିଜନ ଅଧୀନରେ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ବିଛାଯାଇଥିବା ପାଇପ ଫାଟି ପାଣି କେନାଲରେ ପଶୁଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତର ପଚାମୁଣ୍ଡାଇ କେନାଲ ଉପର ଦେଇ ଯାଇଥିବା ପାଇପ ଲାଇନର ଯୋଡେଇ ମୁହଁରେ ଏହା ଫାଟି ଯାଇଥିବାରୁ ପାନୀୟ ଜଳ ସମ୍ପୂର୍ଣ୍ଣ କେନାଲ ଭିତରେ ପଡୁଛି। ମଙ୍ଗଳବାର ମଧ୍ୟାହ୍ନ ୧୨ଟାରୁ ଏଭଳି ଅବସ୍ଥା ଦେଖିବାକୁ ମିଳିଥିଲା ବେଳେ ବିଭାଗୀୟ ଅଧିକାରୀ କେହି ଘଟଣାସ୍ଥଳକୁ ଆସିନାହାନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ପାଣି ଗଦା ହେଉଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ମେଘା ଠିକା କମ୍ପାନୀ ପକ୍ଷରୁ ବଡ଼ଚଣା ବ୍ଲକ୍‌ର ୪୩ ଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ନେଇ କାର୍ଯ୍ୟ ଚାଲୁ ରହିଛି। ରାଧାଦେଇପୁରଠାରେ ଗେଙ୍ଗୁଟି ନଦୀରୁ ଜଳ ଉଠାଇ ବିଭିନ୍ନ ପଞ୍ଚାୟତରେ ନିର୍ମାଣ ହୋଇଥିବା ପାଣି ହେଡ୍ ଟାଙ୍କିକୁ ପ୍ରଥମେ ଆସିବ। ଏହା ପରେ ପଞ୍ଚାୟତରେ ପ୍ରତ୍ୟେକ ଘରକୁ ଘର ଟ୍ୟାପ୍ ଯୋଗେ ପାଣି ଯୋଗାଣ କରାଯିବ। ତେବେ ପ୍ରଥମ କରି ମଙ୍ଗଳବାର ବାଲିଚନ୍ଦ୍ରପୁର ପଞ୍ଚାୟତରେ ନିର୍ମାଣ ହୋଇଥିବା ପାଣି ଟାଙ୍କିକୁ ପାଣି ଯୋଗାଣ ବେଳେ କେନାଲ ଉପରେ ଥିବା ପାଇପ ଫାଟି ଯିବାରୁ ପାଣି ଲିକ୍ ହେଉଛି। ଏ ସମ୍ପର୍କରେ ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାକର ପଣ୍ଡାଙ୍କୁ ପଚାରିବାରେ ପ୍ରଥମ କରି ପରୀକ୍ଷାମୂଳକ ଭାବରେ ପାଣି ଟାଙ୍କିକୁ ଛଡାଯାଇଛି। ଯଦି ପାଇପ ଫାଟିଯାଇଥାଏ ତେବେ ଠିକା ସଂସ୍ଥାର କର୍ମଚାରୀ ମାନଙ୍କୁ ସଙ୍ଗେ ସଙ୍ଗେ କହି ପାଣି ବନ୍ଦ କରିଦେଉଛି। ଏହାକୁ ତୁରନ୍ତ ମରାମତି କରି ପାଣି ଛଡାଯିବ ବୋଲି ସେ କହିଛନ୍ତି।

# ବିଶ୍ୱ ଐତିହ୍ୟ ସମ୍ଭାବ୍ୟ ତାଲିକାରେ ଭିତରକନିକା ନାଁ ନାହିଁ

କେନ୍ଦ୍ରାପଡ଼ା, ୨୪।୨ (ଜଗନ୍ନାଥ ଧଳ)

■ ୨୦୧୭ରେ ତାଲିକାଭୁକ୍ତ ପାଇଁ ଉଦ୍ୟମ ହୋଇଥିଲା
■ ହେନ୍ତାଳବଣ ସମସ୍ୟା ସୁଧାର ପାଇଁ ତତ୍ପରତା ନାହିଁ

ବିଶ୍ୱ ଐତିହ୍ୟ କମିଟିର ୪୮ତମ ବୈଠକ କୋରିଆର ବୁସାନ୍‌ଠାରେ ହେବ। ଆସନ୍ତା ଜୁଲାଇ ୧୯ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ବୈଠକରେ ଭାରତର ସମ୍ଭାବ୍ୟ ୭୦ଟି ସ୍ଥାନ ସମ୍ପର୍କରେ ଏକ ସୂଚୀ ପ୍ରସ୍ତୁତ ହୋଇଛି। ଓଡ଼ିଶାର ଚିଲିକା ହ୍ରଦ ଓ ଏକାମ୍ର କ୍ଷେତ୍ର ପାଇଁ ୨୦୧୪ର ଆବେଦନ ପତ୍ରରେ ବିଶ୍ୱ ଐତିହ୍ୟ ତାଲିକା ପାଇଁ ସାମିଲ ହୋଇଛି। ସେହିପରି ୨୦୨୫ରେ ଏହି ତାଲିକାରେ ଯୋଗ୍ୟତା ଅର୍ଜନ ପାଇଁ ଯାଜପୁରର ସ୍ୱର୍ଣ୍ଣ ତ୍ରିଭୁଜ ମଧ୍ୟରେ ଥିବା ବୁଦ୍ଧସ୍ଥଳ ସାମିଲ ହୋଇଛି। ମାତ୍ର ଏହି ସୂଚୀରେ ଜାତୀୟ ଉଦ୍ୟାନ ଭିତରକନିକାକୁ ବିଶ୍ୱ ଐତିହ୍ୟ ମାନ୍ୟତାର ଆଲୋଚନା ପାଇଁ ସ୍ଥାନ ପାଇନାହିଁ, ଯାହା ସ୍ଥାନୀୟ ପରିବେଶବିତଙ୍କ ନିରାଶର କାରଣ ହୋଇଛି। ୨୦୧୭ ମସିହାରେ ଏ ସମ୍ପର୍କରେ କମିଟି ବୈଠକରେ ଆଲୋଚନା ହୋଇ ଜାତୀୟ ଉଦ୍ୟାନ ପରିସରରେ ଥିବା ତ୍ରୁଟିକୁ ଚିହ୍ନଟ ହୋଇଥିଲା। ଇତିମଧ୍ୟରେ ୯ ବର୍ଷ ବିତିଥିଲେ ମଧ୍ୟ ତ୍ରୁଟି ସୁଧାର ସହ ପୁନର୍ବାର ଅନୁଧ୍ୟାନ ପାଇଁ ଆବେଦନ ପତ୍ର ପହଞ୍ଚି ପାରିନାହିଁ।

ଏ ସମ୍ପର୍କରେ ଜନ ଅଧିକାର ମଞ୍ଚ ସଭାପତି ତଥା ଭାଜପା ନେତା ଭୁବନମୋହନ ଜେନା କହିଛନ୍ତି, ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ଅବବାହିକାରେ ଥିବା ଭିତରକନିକାର ଜୈବ ବିବିଧତା ବିଶ୍ୱ ପ୍ରସିଦ୍ଧ। ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥଳୀ, ବହୁଳ ଲୁଣା କୁମ୍ଭୀର, ଦେଶୀ ବିଦେଶୀ ପକ୍ଷୀଙ୍କ ସମାହାର, ହେନ୍ତାଳବଣ ଆଦି ଗବେଷକଙ୍କ ପାଇଁ ଏହି ଆର୍ଦ୍ରଭୂମି ଗବେଷଣାଗାର ହୋଇଛି। ଏହା ବ୍ୟତୀତ ଏହି ବନାଞ୍ଚଳକୁ ୧୯୭୫ ମସିହାରେ ସଂରକ୍ଷିତ କରାଯାଇଥିବା ବେଳେ ୧୯୯୮ରେ ଜାତୀୟ ଉଦ୍ୟାନ ଓ ୨୦୦୨ରେ ଅନ୍ତର୍ଜାତୀୟ ମାନ୍ୟତା (ରାମସାର ସାଇଟ୍) ମିଳିଛି। ଏହାସତ୍ତ୍ୱେ ପରିଚାଳନାଗତ ତ୍ରୁଟି ପାଇଁ ୨୦୧୭ରେ ବିଶ୍ୱ ଐତିହ୍ୟ ତାଲିକାରୁ ବଞ୍ଚିତ ହୋଇଛି। ଏପରିକି ଏହି ମାନ୍ୟତା ପାଇଁ ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେଶନ ଅଫ୍ ନେଚର (ଆଇୟୁସିଏନ୍)ର ୪୦ତମ ବୈଠକରେ ବିଭିନ୍ନ କାରଣ ଦର୍ଶାଇ ସମାଲୋଚନାର ଶିକାର ହୋଇଛି। ସେହିପରି ୨୦୧୯ରେ ଜାତୀୟ ଆଇକନିକ୍ ଐତିହ୍ୟସ୍ଥଳ ତାଲିକାରେ ଭିତରକନିକା ସାମିଲ ହୋଇ ପାରିନାହିଁ। ଏହାର କାରଣ ଖୋଜି ସମସ୍ୟାର ସମାଧାନ ହେବା କଥା। ତେବେ ଏଥିରେ ତତ୍ପରତା ପ୍ରକାଶ ପାଉନାହିଁ। ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ ପ୍ରମୁଖ କହିଛନ୍ତି, ଭିତରକନିକାର ଆତ୍ମା ହେଉଛି ହେନ୍ତାଳବଣ। ଏହା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମୁଦ୍ରର ପ୍ରାଚୀର ଭାବେ କାର୍ଯ୍ୟ କରୁଛି। ଏଥିସହ ପଶୁପକ୍ଷୀ, ବନ୍ୟଜନ୍ତୁ, ସାମୁଦ୍ରିକ ପ୍ରାଣୀର ଅନ୍ତୁଡ଼ିଶାଳ ପାଲଟିଛି। ଏହାର ପରିଚାଳନାରେ ତ୍ରୁଟି ରହିଥିବା ୨୦୧୭ ରେ ୟୁନାଇଟେଡ୍ ନେସନ୍ସ ଏଡୁକେଶନାଲ, ସାଇଣ୍ଟିଫିକ୍ ଆଣ୍ଡ କଲ୍‌ଚରାଲ ଅର୍ଗାନାଇଜେଶନ (ୟୁନେସ୍କୋ) ପକ୍ଷରୁ ଆୟୋଜିତ ଆଇୟୁସିଏନ୍ ବୈଠକରେ ଦର୍ଶାଯାଇଛି। ୨୦୧୬ ନଭେମ୍ବର ୨ରୁ ୯ ତାରିଖ ପର୍ଯ୍ୟନ୍ତ ଆଇୟୁସିଏନ୍‌ର ବିଶେଷଜ୍ଞ ନାଓମି ଡକ୍ ଓ ରାମକୋ ଭନ ମେରୋନ ଭିତରକନିକା ଅଞ୍ଚଳ ଗସ୍ତକରି ଏହାର ପରିବେଶ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ ଷ୍ଟାଟସ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ ଅଫ୍ ମ୍ୟାନ୍‌ଗ୍ରୁଭ ଫରେଷ୍ଟ, ଗ୍ଲୋବାଲ ଇକୋଲୋଜି ଆଣ୍ଡ ବାୟୋଲୋଜି (୨୦୧୧), ସ୍ପାଟିଆଲ ଆନାଲିସସ୍ ଅଫ୍ ଆନ୍ଥ୍ରୋପଜେନିକ ଡିଷ୍ଟର୍ବାନ୍ସ ଅଫ୍ ମ୍ୟାନ୍‌ଗ୍ରୁଭ ଫରେଷ୍ଟ ଅଫ୍ ଦି ଭିତରକନିକା କଞ୍ଜରଭେଶନ ଏରିଆ, ଜିଓ ସ୍ପାଇଟାଲ ଆନାଲିସିସ୍ ଅଫ୍ କୋଷ୍ଟାଲ ଏନ୍‌ଭାଇରନମେଣ୍ଟ ଆଦି ବହୁ ତଥ୍ୟ ଆଧାରକୁ ସେମାନେ ନିରୀକ୍ଷଣ କରିଛନ୍ତି। ସେମାନଙ୍କ ରିପୋର୍ଟ ଅନୁଯାୟୀ, ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ହେନ୍ତାଳବଣର ସୁରକ୍ଷା ଏବେ ଜରୁରୀ ହୋଇପଡିଛି। ସାମୁଦ୍ରିକ ତଟକ୍ଷୟ ବିରଳ ଅଲିଭ୍ ରିଡ୍‌ଲେଙ୍କ ପ୍ରଜନନସ୍ଥଳ ଗହୀରମଥାକୁ କବଳିତ କରିଛି। ଆଗାମୀ କିଛିବର୍ଷ ମଧ୍ୟରେ ପ୍ରଜନନ ପାଇଁ ଏଠାରେ ସ୍ଥାନ ମିଳିବ ନାହିଁ। ସେହିପରି ଭିତରକନିକା ସଂରକ୍ଷିତ ଅଞ୍ଚଳ କୁହାଯାଉଥିବା ବେଳେ ଏଠାରେ ୪୧୦ ଗ୍ରାମ ରହିଥିବା ବନ ବିଭାଗ ଦର୍ଶାଇଛି। ଜୀବନ ଜୀବିକା ପାଇଁ ହେନ୍ତାଳବଣ ନଷ୍ଟ ହେଉଛି। ଏଥିସହ ଏହି ଆଦ୍ର ଅଞ୍ଚଳକୁ ଆବଶ୍ୟକ ମୁତାବକ ମଧୁର ଜଳର ଅଭାବ ଅଛି। ଏହାର ସୁରକ୍ଷା ପାଇଁ ଭିତରକନିକା ଇକୋ ସେନ୍‌ସେଟିଭ ଜୋନ୍ ୨୦୧୫ରୁ ଘୋଷଣା ହୋଇଛି। ଜୋନ୍ ଅଞ୍ଚଳରେ ସଚେତନତା ଓ କେତେକ କାର୍ଯ୍ୟକ୍ରମ ନ ଥିବାରୁ ଭିତରକନିକାକୁ ବିଶ୍ୱ ଐତିହ୍ୟରୁ ମାନ୍ୟତାରୁ ବଞ୍ଚିତ କରାଯାଉଥିବା ବୈଠକର ରିପୋର୍ଟରୁ ଜଣାଯାଇଛି। ଏ ସମ୍ପର୍କରେ ଏଡିଏମ୍ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରେ ଭିତରକନିକାକୁ ଐତିହ୍ୟ ମାନ୍ୟତା ପାଇଁ ବନ ବିଭାଗର ପ୍ରୟାସ ଜାରି ରହିଛି। ହେନ୍ତାଳ ପ୍ରଜାତିର ସଂଖ୍ୟା ବୃଦ୍ଧି ପାଇଁ ନର୍ସରୀ ସୃଷ୍ଟି ହୋଇଛି। ଏଥିସହ ଭିତରକନିକାକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ କଟକଣା ଜାରି ହୋଇଛି। ନିଷିଦ୍ଧାଞ୍ଚଳରେ ପ୍ରବେଶ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି। ସେହିପରି ଚିଙ୍ଗୁଡି ଘେରି ଉଚ୍ଛେଦ, ଅନୁପ୍ରବେଶକୁ ରୋକିବା, ହେନ୍ତାଳ ଚାରା ହ୍ୟାଚେରି ଆଦି କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି ବୋଲି ସେ କହିଛନ୍ତି।




# ତାଲୁକ୍ ଆଇନ ସେବା ସମିତିର ସଡ଼କ ସୁରକ୍ଷା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଚାରପତି ଓ ଅନ୍ୟମାନେ ।

ପଟ୍ଟାମୁଣ୍ଡାଇ, ୨୪।୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ତାଲୁକ୍ ଆଇନ ସେବା ସମିତି ପକ୍ଷରୁ ସଡ଼କ ସୁରକ୍ଷା ଓ ଏମ୍‌ଏସିଟି ଉପରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବକ୍ତାରପୁରଠାରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ଅତିରିକ୍ତ ଜିଲା ଜଜ୍ ତଥା ପଟ୍ଟାମୁଣ୍ଡାଇ ତାଲୁକ୍ ଆଇନ ସେବା ସମିତି ଅଧ୍ୟକ୍ଷ ବିଦ୍ୟାଧର ପୃଷ୍ଟିଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ସିନିଅର ସିଭିଲ ଜଜ ଅପୂର୍ବା ଚୌଧୁରୀ, ଜେଏମ୍‌ଏଫ୍‌ସି କୋର୍ଟ ସରକାରୀ ଓକିଲ ଧୀରେନ୍ଦ୍ର ନାଥ ସାହୁ, ବରିଷ୍ଠ ଆଇନୀଜୀ ବିଜୟ କୁମାର ରାଉତ, ହୃଦାନନ୍ଦ ମହାନ୍ତି, ବିଦ୍ୟାଭୂଷଣ ଦାଶ, ଲିଗାଲ ଏଡ଼ର କର୍ମକର୍ତ୍ତା ଅପର୍ଣ୍ଣା ସାମଲ, ମୋହନ ଦାଶ, ଅମିତ ସିଂହ, ଅରବିନ୍ଦ ପଣ୍ଡା, ଲିଗାଲଏଡ଼ ପିଏଲଭି ସଭ୍ୟ ଅମେରେନ୍ଦ୍ର ରାଉତ ବବିତା ମଳିକ ଓ ରୀତା ଜେନା ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ।

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛି ଯାତ୍ରାପାର୍ଟି

ରାଜକନିକା, ୨୪।୨ (ସଞ୍ଜୟ କୁମାର ଦାଶ)

ବ୍ୟସ୍ତବହୁଳ ଜୀବନ ମଧ୍ୟରେ ମନୋରଞ୍ଜନ ଅପରିହାର୍ଯ୍ୟ । ବିଭିନ୍ନ କଳା ସଂସ୍କୃତି ମାଧ୍ୟମରେ ସାମାଜିକ ବାର୍ତ୍ତା ବହନ କରି ଆନନ୍ଦ ପ୍ରମୋଦର ଖୋରାକ ଯୋଗାଇଥାଏ ପାଲା, ଯାତ୍ରା, ଦାସକାଠିଆ, ମେଲୋଡି ଓ ଡ୍ୟାନ୍ସ। ହେଲେ ଏବେ ଯାତ୍ରା ଯୁବବର୍ଗଙ୍କୁ ଆକୃଷ୍ଟ କରିଥିବା ବେଳେ ବ୍ୟୟବହୁଳ ହୋଇଯାଇଛି। ଯାତ୍ରାରେ ପରିବେଷଣ ହେଉଥିବା ଅଶ୍ଳୀଳତା ଉଗ୍ର ଆଧୁନିକତା ଗାଁଠାରୁ ସହର ପର୍ଯ୍ୟନ୍ତ ଯୁବବର୍ଗଙ୍କୁ ମତୁଆଲା କରୁଛି। ଏହି କ୍ରମରେ ବର୍ତ୍ତମାନ ଓଡ଼ିଶାରେ ମାଟ୍ରିକ୍ ଓ ଯୁକ୍ତ ୨ ଓ ୩ ପରୀକ୍ଷା ଚାଲିଥିବା ବେଳେ ରାଜକନିକା ବ୍ଲକ୍‌ର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଭିନ୍ନ ଭିନ୍ନ ସ୍ଥାନରେ ଯାତ୍ରା ଚାଲିଛି। ଏମିତିକି ମାଟ୍ରିକ୍ ସେଣ୍ଟର ହୋଇଥିବା ସ୍ଥାନ ଓ ମହାବିଦ୍ୟାଳୟ ନିକଟରେ ଯାତ୍ରା ଟେଣ୍ଟ ପଡ଼ିବା, ପରୀକ୍ଷା ଚାଲୁଥିବା ସମୟରେ ଗାଡ଼ି ପ୍ରଚାର କରିବା ଛାତ୍ରୀଛାତ୍ରଙ୍କୁ ବିବ୍ରତ କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଯାତ୍ରାରେ ଅଶ୍ଳୀଳତା ଓ ନଗ୍ନତା ସମାଜକୁ ପଥ ଭ୍ରଷ୍ଟ କରୁଥିବା ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ମନୋରଞ୍ଜନ ନାଁରେ ଯୁବବର୍ଗଙ୍କୁ କୁସଂସ୍କାର ଆଡକୁ ଟାଣିବା କେତେଦୂର ଠିକ୍ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ପାଇଁ ଛାତ୍ରୀଛାତ୍ର ଆକ୍ରାନ୍ତ ପରିଶ୍ରମ କରୁଥିବା ବେଳେ ଯାତ୍ରା ସବୁ ନଷ୍ଟ କରୁଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି।

ସେମାନେ କହିଛନ୍ତି, ପରୀକ୍ଷା ସମୟରେ ଯାତ୍ରା ହେବା ଆମ ଭବିଷ୍ୟତକୁ ନଷ୍ଟ କରୁଛି। ସରକାରଙ୍କୁ ଅନୁରୋଧ ପରୀକ୍ଷା ସମୟରେ ଯାତ୍ରା ପାଇଁ ଅନୁମତି ଦେବା ବନ୍ଦ କରନ୍ତୁ ଏବଂ ଯେଉଁମାନଙ୍କୁ ଅନୁମତି ଦିଆଯାଇଛି, ସେମାନଙ୍କୁ ସାମୂହିକ ଭାବେ ଘୁଞ୍ଚାଇବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ମନୋରଞ୍ଜନ ନାଁରେ ସରକାରଙ୍କୁ ଟିକସ ଫାଙ୍କି ଯାତ୍ରା ଇଣ୍ଡଷ୍ଟ୍ରି ମାଲାମାଲ ହେଉଥିବା ବେଳେ ସମାଜ ରସାତଳକୁ ଯାଉଥିବା ଶିକ୍ଷାବିତ୍‌ମାନେ କହିଛନ୍ତି ।

# ସଦ୍‌ଗୁରୁ ପୂଜ୍ୟପାଦ ବାବା ବଳିଆଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୨୪।୨ (କଳ୍ପତରୁ ନାୟକ)


ବାବା ବଳିଆ ପ୍ରବଚନ ଦେଉଛନ୍ତି।

ସଦ୍‌ଗୁରୁ ପୂଜ୍ୟ ପାଦ ବାବା ବଳିଆଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ ୨୩ ଓ ୨୪ ତାରିଖ ଦୁଇ ଦିନ ଧରି ପଟ୍ଟାମୁଣ୍ଡାଇ ମହିଳା କଲେଜ ନିକଟରେ ଅନୁଷ୍ଠିତ ହୋଇଯାଇଛି । ପୂଜ୍ୟ ପାଦ ବାବା ବଳିଆଙ୍କ ଶିଷ୍ୟ ଦିଲ୍ଲୀପ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ୨୩ ତାରିଖ ସାମୁହିକ ପ୍ରାର୍ଥନା, ଗୁରୁ ପୂଜା ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ୨୪ ତାରିଖରେ ଆଶୀର୍ବଚନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ ଓ ଭଜନ ଜଣାଣ ପରିବେଷଣ କରିଥିଲେ । ଏହି ଆଧ୍ୟାତ୍ମିକ ସମାବେଶରେ ପୂଜ୍ୟପାଦ ବାବା ବଳିଆ ପ୍ରବଚନ ଦେଇ ସ୍ୱଚ୍ଛ ନିର୍ମଳ ବିଚାରଧାରା ନେଇ ସୁନ୍ଦର ପରିବାର, ସମାଜ ଓ ଦେଶ ଗଠନ କରିବାକୁ ପରାମର୍ଶ ଦେଇ ଆଧ୍ୟାତ୍ମିକ ମାର୍ଗରେ ରହି ଅନୀତି ଭ୍ରଷ୍ଟାଚାର ଓ କୁସଂସ୍କାର ବିରୋଧରେ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଆଧ୍ୟାତ୍ମିକ ସମାବେଶ ଓ ସତ୍‌ସଙ୍ଗରେ ବହୁ ସାଧୁ ସନ୍ଥ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇଥିଲେ । ଶେଷରେ ଦିଲ୍ଲୀପ ଜେନା ଧନ୍ୟବାଦ ଦେଇଥିଲେ ।

# ରାଜଗଡ଼ରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଉଦ୍‌ଯାପିତ

ରାଜନଗର, ୨୪।୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡ଼ ଗ୍ରାମରେ ମହାଶିବରାତ୍ରି ଉପଲକ୍ଷେ ଶ୍ରୀ ଶ୍ରୀ ହରଗୌରୀ ପୂଜା ଉତ୍ସବ ଓ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ୫ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହରଗୌରୀଙ୍କର ଷୋଡ଼ଶ ପୂଜା ଉପଚାର ସହିତ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର କଳସ ଯାତ୍ରା, ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋମାତା ପୂଜା, ରୁଦ୍ରାଭିଷେକ, ଯଜ୍ଞକର୍ମ, ଚଣ୍ଡୀପାଠ, ଗୀତାପାଠ ଓ ଶେଷରେ ପୁଷ୍ପାଞ୍ଜଳି ପୂର୍ଣ୍ଣାହୁତି କରାଯାଇଥିଲା। ଯଜ୍ଞର ପୁରୋଧା ଭାବେ ମନୋଜ କୁମାର ମହାନ୍ତି ଓ ତାଙ୍କ ସହଧର୍ମିଣୀ ମିନତୀ ମହାନ୍ତି ଓ ହରଗୌରୀ ପୂଜାର୍ଚ୍ଚନାରେ ଶୁଭେନ୍ଦୁ ସ୍ୱାଇଁ ଓ ତପସ୍ୱିନୀ ସ୍ୱାଇଁ କାର୍ଯ୍ୟନିର୍ବାହ କରିଥିଲେ। ଗ୍ରାମର ସମସ୍ତ ବିବାହିତ ଝିଅଙ୍କୁ ନିମନ୍ତ୍ରଣକରି ସମ୍ବର୍ଦ୍ଧିତ କରାଯାଇଥିଲା । ଯଜ୍ଞ ପୂର୍ଣ୍ଣାହୁତି ଉତ୍ସବରେ ଯୁବନେତା ଗଙ୍ଗାଧର ଦାସ, ସମିତି ସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସନାତନ ରାଉତ, ଅଜୟ କୁମାର ସାହୁ, ବିକ୍ରମ କୁମାର ରାଉତ, ସାଇ ଆଲୋକ ରାଉତ, ରବୀନ୍ଦ୍ର କୁମାର ଓଝା, ଶିବରାମ ବେହେରା, ବାଦଲ କୁମାର ଦାସ, ପ୍ରଶାନ୍ତ କୁମାର ଦାସ, ରବୀନ୍ଦ୍ର ବେହେରା, ମାୟାଧର ଦାସ, ବିବେକ ରାଉତ, ଶଙ୍କର୍ଷଣ ଦାସ, ପ୍ରଦୀପ କୁମାର ସେଠୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଜିତ୍


@ ବାବୁ


@ ମନୋଜ


@ ମୃତ୍ୟୁଞ୍ଜୟ


@ ସଚିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନାବାଳିକା ଛାତ୍ରୀ ଗଣ ବଳାତ୍କାର ମାମଲା

# ପୀଡ଼ିତା ପରିବାରଙ୍କୁ ଭେଟିଲେ ମହିଳା କଂଗ୍ରେସ ପ୍ରତିନିଧି ଦଳ


ପୀଡିତା ପରିବାରକୁ ଭେଟିବାକୁ ଯାଇଥିବା କଂଗ୍ରେସ ଟିମ୍ ।

ରାଜକନିକା, ୨୪।୨ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରଜକନିକା ଥାନା ଓଲାଭର ସ୍ଥିତ ଅକ୍ସଫୋର୍ଡ଼ ଇଂଲିଶ ମିଡିୟମ ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଦୀର୍ଘ ୪ ବର୍ଷ ଧରି ଗଣ ବଳାତ୍କାର ଘଟଣାରେ ୫ ଅଭିଯୁକ୍ତ ଗିରଫ ହୋଇ ଜେଲ ହଜାତରେ ଥିବା ବେଳେ, ମଙ୍ଗଳବାର ରାଜ୍ୟ ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ରାଜ୍ୟ ମହିଳା କଂଗ୍ରେସ ଉପ ସଭାପତି ଜୟଶ୍ରୀ ପଟ୍ଟନାୟକ, ସମ୍ପାଦିକା ଜୟସ୍ମିତା ମହାନ୍ତି, ସଦସ୍ୟା କୁସୁମ ପ୍ରଧାନ, ଅପସନା ବେଗମ ଓ କଂଗ୍ରେସ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ପ୍ରମୁଖ ୪ ଜଣିଆ ପ୍ରତିନିଧି ଦଳ ପୀଡିତା ପରିବାରକୁ ଭେଟିବା ସହ ପୀଡିତା ପରିବାରକୁ ୫୦ ଲକ୍ଷ ଟଙ୍କା ପ୍ରଦାନ ସହ ସେହି ସ୍କୁଲକୁ ବନ୍ଦ କରାଯିବାକୁ ଦାବି କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ । ଯଦି ସରକାର ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ କରନ୍ତି ତେବେ ମହିଳା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ। ଶିକ୍ଷାଦାନ ଭଳି ବୃତ୍ତିରେ ଥାଇ ରାକ୍ଷସ ପାଲଟିଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣ ବଳାତ୍କାର ଭଳି ଘଟଣା ସାରା ରାଜ୍ୟକୁ ଲଜ୍ଜିତ କରିଛି ବୋଲି କଂଗ୍ରେସ ସଭାନେତ୍ରୀ କହିଛନ୍ତି ।

# ମିଳିଲା ଯୁବତୀଙ୍କ ପରିଚୟ: ବଳାତ୍କାର ପରେ ହତ୍ୟା ସୂଚନା

ପାରାଦୀପ, ୨୪।୨ (ଶରତ ରାଉତ)

## ୪ ମହଲାରୁ ପଡ଼ି ମହିଳାଙ୍କ ମୃତ୍ୟୁ ଘଟଣା

ପାରାଦୀପରେ ସୋମବାର ୪ ମହଲା କୋଠା ଛାତରୁ ଖସି ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ମଙ୍ଗଳବାର ରାତିରେ ପୋଲିସକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ମୃତ ମହିଳାଙ୍କ ପରିଚୟ ମିଳିବା ସହ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ସୂଚନା ଦେଇଛି। ହତ୍ୟା ପଛରେ ସେହି କୋଠାରେ ଭଡ଼ାରେ ରହୁଥିବା ଝାଡ଼ଖଣ୍ଡ ଯୁବକ ସମ୍ପୃକ୍ତ ବୋଲି ଥାନାଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଯୁବତୀଙ୍କ ଘର ତିର୍ତ୍ତୋଲ ଥାନା ଅଞ୍ଚଳରେ। ସେ ଅବିବାହିତା ଓ ଉଚ୍ଚ ଶିକ୍ଷିତା। ତାଙ୍କୁ ସମ୍ପୃକ୍ତ ଯୁବକ ଆଣି ଉକ୍ତ ଘରେ ବଳାତ୍କାର କରିବା ପରେ ଛାତରୁ ଠେଲି ହତ୍ୟା କରିଛନ୍ତି ବୋଲି ଥାନାଧିକାରୀ ବାରିକ କହିଛନ୍ତି। ଏନେଇ ଯୁବତୀଙ୍କ ପରିବାର ଲୋକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ସୂଚନା ଦିଆଯାଇଛି। ସେମାନେ ବୁଧବାର ସକାଳୁ ଆସି ଏଫ୍‌ଆଇଆର ଦେବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏପର୍ଯ୍ୟନ୍ତ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘର ଲୋକଙ୍କ ଅଭିଯୋଗ ପରେ ହତ୍ୟା ମାମଲା ରୁଜୁ ହେବ ବୋଲି ପୋଲିସ କହିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବା ପରେ ତାହାକୁ ଶବ ଗୃହରେ ସଂରକ୍ଷିତ ରଖିଛି। ଅପରପେକ୍ଷ ସୋମବାରଠାରୁ ଅଟକ ରଖିଥିବା ୭ ଜଣ ଯୁବକଙ୍କୁ ପୋଲିସ ଅଧିକ ପଚରାଉଚରା କରୁଛି। ଯେଉଁ ଘରେ ଏହି ଘଟଣା ଘଟିଥିଲା ସେହି ଘରର ସିସିଟିଭି କମ୍ପ୍ୟୁଟର ହାର୍ଡଡିସ୍କ ପୋଲିସ ଖୋଲିପାରୁନାହିଁ। କାରଣ ଉକ୍ତ ହାର୍ଡଡିସ୍କର ପାସ୍‌ୱାର୍ଡ ଘର ମାଲିକ କହି ପାରୁନାହାନ୍ତି। ଯେଉଁ ୭ ଜଣ ଅବିବାହିତ ଯୁବକ ଉପର ମହଲାରେ ଭଡାରେ ରହୁଥିଲେ ସେମାନେ ଏବେ ଥାନାରେ ଅଛନ୍ତି। ସେମାନଙ୍କ ସହ ଝାଡ଼ଖଣ୍ଡର ଯୁବକ ମଧ୍ୟ ରୁହନ୍ତି। ଅଭିଯୁକ୍ତ ଝାଡ଼ଖଣ୍ଡ ଯୁବକ ରବିବାର ଅନୁଗୋଳ ଯାଇଥିଲେ। ସେଠାରୁ ବାଇକ୍ ଯୋଗେ ଫେରିବା ବେଳେ ସମ୍ପୃକ୍ତ ମହିଳାଙ୍କୁ ସାଙ୍ଗରେ ନେଇ ଆଣିଥିଲେ। ମହିଳାଙ୍କ ପାଖରେ କୌଣସି ମୋବାଇଲ ନ ଥିବାରୁ ସୂଚନା ମିଳିବାରେ ସମସ୍ୟା ହେଉଛି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ଅନୌପଚାରିକ ଭାବେ ସୂଚନା ଦେଇଛନ୍ତି।

ପାରିପାର୍ଶ୍ୱିକ ଘଟଣା, ଲୋକଙ୍କ ବୟାନ ଓ ପାଖ ଘର ଲୋକଙ୍କ ସିସିଟିଭି ଫୁଟେଜ ଆଦିକୁ ଆଧାରକରି ପୋଲିସ ତଦନ୍ତ ଚଳାଇଛି। ସେଥିରୁ ଜଣାପଡ଼ିଛି ଯେ, ମହିଳା ଜଣକ ରବିବାର ରାତି ୧୦ଟା ବେଳେ ଉକ୍ତ ଘର ସମ୍ମୁଖରେ କିଛି ସମୟ ପାଇଁ ଠିଆ ହୋଇଥିଲେ। ପରେ ଜଣେ ହାଫ ପ୍ୟାଣ୍ଟ ପିନ୍ଧିଥିବା ଯୁବକ ତାଙ୍କୁ ଡାକି ଉପର ଘରକୁ ନେଇଥିଲେ । ସୋମବାର ଭୋର ୪ଟାରେ ସମାନ ଜାଗାରେ ଯୁବତୀ ଜଣକ ତଳେ ପଡିଥିବା ଦେଖିବାକୁ ମିଳିଥିଲା। ଉକ୍ତ ଘର ହେଉଛି ମଦ ଦୋକାନ କରିଥିବା ଶମ୍ଭୁ ଖୁଣ୍ଟିଆଙ୍କର। ଘର ନବୀକରଣ କାମ ଚାଲୁଥିବାରୁ ସେହି ଘର ଖାଲି ଥିଲା। କେବଳ ସପ୍ତାହ ତଳେ ଏକ ଠିକାସଂସ୍ଥା ଉପର ଘର ଭଡାରେ ନେଇଥିଲେ। ସେହି ଠିକାସଂସ୍ଥାର ୭ ଜଣ ଯୁବକ ଉପର ଘରେ ରହୁଥିଲେ ବୋଲି ଗୃହକର୍ତ୍ତା ଖୁଣ୍ଟିଆ କୁହନ୍ତି।

ଏ ସମ୍ପର୍କରେ ଥାନାଧିକାରୀ କାବୁଲି ବାରିକ କୁହନ୍ତି, ତଦନ୍ତ ଜାରି ରହିଛି। କେତେକ ଠୋସ୍ ସୂଚନା ମିଳିଛି। ଯେଉଁ ଘରେ ଝାଡ଼ଖଣ୍ଡର ଯୁବକ ରହୁଥିଲେ ସେହି ଘରୁ ମୃତ ମହିଳାଙ୍କ ଅନ୍ତଃ ବସ୍ତ୍ର ଓ ଅନ୍ୟ ପୋଷାକ ମିଳିଥିବା ପୋଲିସ ତଦନ୍ତବେଳେ ଜଣାପଡ଼ିଛି। କୋଠରୀରୁ ମହିଳା ଜଣକ ଉଲଗ୍ନ ଅବସ୍ଥାରେ ଛାତକୁ କିପରି ଗଲେ ଏବଂ ତଳେ ପଡିଲେ ସେନେଇ ଯୁବକଙ୍କ କଥାରେ ତାଳମେଳ ରହୁନାହିଁ। ସୂଚନାଯୋଗ୍ୟ ସୋମବାର ଉକ୍ତ ୪ ମହଲା କୋଠା ତଳୁ ଅର୍ଦ୍ଧନଗ୍ନ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଥିଲା।

# ଭେଷଜ ମେଡିକାଲ କଲେଜ ଦାବିରେ ୧୨ ଘଣ୍ଟିଆ ନୟାଗଡ଼ ବନ୍ଦ



ଜିଲାପାଳଙ୍କୁ ଫାଉଣ୍ଡେଶନ ପକ୍ଷରୁ ଦାବିପତ୍ର ଦିଆଯାଉଛି।



ଦୋକାନ ବଜାର ବନ୍ଦ ରହିଛି।

ନୟାଗଡ଼,୨୪।୨(ଲୋକନାଥ ମିଶ୍ର)

ଭେଷଜ ମେଡିକାଲ କଲେଜ ପାଇଁ ଜୟ ନୟାଗଡ଼ ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ସଫଳ ହୋଇଛି। ବ୍ୟବସାୟୀଙ୍କ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଯୋଗୁ ଜିଲା ସଦର ମହକୁମାରେ ସକାଳ ୬ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟା ବନ୍ଦ ପାଳନ ହୋଇଥିଲା।

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ନୟାଗଡ଼ ସହର ଗୋଲେଇ ଟ୍ରାଫିକ୍ ଛକରେ ବିକ୍ଷୋଭକାରୀ ଏକତ୍ରିତ ହୋଇ ଭେଷଜ ମେଡିକାଲ କଲେଜର ଦାବିକୁ ସରକାର ମାନି ନିଅ, ଜିଲା ସଦର ମହକୁମାରେ ମେଡିକାଲ ଖୋଲ ଆଦି ବିଭିନ୍ନ ନାରା ଦେଇଥିଲେ। ପରେ ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମେଡିକାଲ କଲେଜ ପାଇଁ ନାରାଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ପରେ ପ୍ରତିବାଦ ସଭାରେ ନୟାଗଡ଼ର ବରିଷ୍ଠ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଶାନ୍ତନୁ ବିଶୋୟୀ, ଗୋକୁଳ ଷଡଙ୍ଗୀ, ବରିଷ୍ଠ ସିପିଆଇ(ଏମ୍) ନେତା ବିଶ୍ୱନାଥ ମହାପାତ୍ର, କଂଗ୍ରେସ ଯୁବନେତା ଶିବ ରଞ୍ଜନ ସାହୁ, ଆଇନଜୀବୀ ମନୋଜ ସାହୁ, ଜୟ ନୟାଗଡ଼ ଫାଉଣ୍ଡେଶନ ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ ପ୍ରମୁଖ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର

ଯୋଗଦେଇ ନୟାଗଡ଼ରେ ଭେଷଜ ମେଡିକାଲ କଲେଜ ପାଇଁ ଦାବି କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମଧୁମିତା ରଥଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

ପ୍ରକାଶ ଯେ, ନୟାଗଡ଼ ଜିଲା ସଦର ମହକୁମାରେ ଭେଷଜ ମେଡିକାଲ କଲେଜ କରିବା ପାଇଁ ୧୦ରୁ ଉର୍ଦ୍ଧ୍ୱ ବର୍ଷ ହେଲା ଦାବିହୋଇ ଆସୁଛି। ମେଡିକାଲ କଲେଜ ପାଇଁ ନୟାଗଡ଼ରେ ୧୨ ଘଣ୍ଟିଆ ବନ୍ଦର ସଫଳ ପରେ ୨୪ ଘଣ୍ଟିଆ ଜିଲା ବନ୍ଦ ପାଇଁ ଆଲୋଚନା ଆରମ୍ଭ ହୋଇଛି। ଜିଲାସ୍ତରୀୟ ଆନ୍ଦୋଳନକୁ ସଫଳ କରିବା ପାଇଁ ପ୍ରତି ବ୍ଲକ, ଛକ ସ୍ଥାନ, ବଜାର ଅଞ୍ଚଳରେ ଆନ୍ଦୋଳନ କରିବାକୁ ପୁଣି ପ୍ରସ୍ତୁତି ଆରମ୍ଭ ହୋଇଛି।

# ପାଣି ପାଇଁ ବ୍ଲକ୍ କାର୍ଯ୍ୟାଳୟ ଆଗରେ ମହିଳାଙ୍କ ଧାରଣା



ପାନୀୟ ଜଳ ପାଇଁ ମହିଳାମାନେ ଧାରଣା ଦେଇଛନ୍ତି।

ଗଣିଆ, ୨୪।୨(ସନ୍ତୋଷ କୁମାର ପ୍ରଧାନ)

ଖରାଦିନ ଆରମ୍ଭରୁ ଗଣିଆ ବ୍ଲକ୍‌ରେ ପାଣି ସମସ୍ୟା ଦେଖିବାକୁ ମିଳିଲାଣି। ପାଣି ମୁନ୍ଦାଏ ପାଇଁ ଲୋକଙ୍କୁ ସଂଘର୍ଷ କରିବାକୁ ପଡୁଛି। କେଉଁଠି ଗରା ମାଠିଆ ଧରି ଲୋକେ ରାସ୍ତା ଅବରୋଧ କଲେଣି ତ ଆଉ କେଉଁଠି ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା ଦେଲେଣି। ଏଭଳି ଘଟଣା ଛାମୁଣ୍ଡିଆ ପଞ୍ଚାୟତ ଛାମୁଣ୍ଡିଆ ଗ୍ରାମର ଘାଟିଆ ସାହିରେ ଦେଖିବାକୁ ମିଳିଛି। ଗ୍ରାମର ୩୦ ରୁ ଅଧିକ ମହିଳା ମଙ୍ଗଳବାର ଗଣିଆ ବ୍ଲକ୍ ସମ୍ମୁଖରେ ଧାରଣା ଦେଇଥିଲେ। ବିଡିଓ ଲବନେନ୍ଦୁ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଧାରଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ୨ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଲୋକେ ଧାରଣାରୁ ଓହରିଥିଲେ।

ସୂଚନା ଅନୁଯାୟୀ, ସାହିରେ ଥିବା ସୌରଚାଳିତ ନଳକୂଅ ମାସେ ହେଲା ଅଚଳ ଅବସ୍ଥାରେ ପଡ଼ି ରହିଛି। ଅନ୍ୟ ନଳକୂଅଗୁଡ଼ିକରୁ ଲୁହାଗୁଣ୍ଡଯୁକ୍ତ ପାଣି ବାହାରୁଥିବାରୁ ତାହା ପିଇବା ପାଇଁ ଉପଯୋଗୀ ନୁହେଁ ବୋଲି ସାହିର ସତ୍ୟ ବେହେରା କୁହନ୍ତି। ପିଇବା ପାଣି ଯୋଗାଉଥିବା ସୌରଚାଳିତ ନଳକୂଅକୁ ମରାମତି କରିବା ପାଇଁ ଆମେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲୁ। ହେଲେ ଆମ କଥା କେହି ଶୁଣିଲେ ନାହିଁ। ପଞ୍ଚାୟତ ତରଫରୁ ଯୋଗାଇ ଦିଆଯାଉଥିବା ଟ୍ୟାଙ୍କର ପାଣି ପିଇବା ପାଇଁ ନିଅଣ୍ଟ। ଗାଧୁଆ ଓ ଶୌଚ ପାଇଁ ଦେଢ଼ କି.ମି. ମହାନଦୀକୁ ଯିବାକୁ ପଡୁଛି ବୋଲି ସାହିର ଅନ୍ୟ ଜଣେ ମହିଳା ମାୟା ଦଳେଇ କହିଛନ୍ତି।

ସୂଚନାଯୋଗ୍ୟ, ଗଣିଆ ବ୍ଲକ୍ ଦେଇ ମହାନଦୀ ବହିଯାଉଥିଲେ ମଧ୍ୟ ଜମିକୁ ପାଣି ଯିବା ତ ଦୂରର କଥା ପିଇବା ପାଣି ସମସ୍ୟା ଦୂରହୋଇପାରୁନାହିଁ। ପାନୀୟ ଜଳ ସମସ୍ୟା ଦୂରକରିବା ପାଇଁ ଖରାଦିନ ଆସିଲେ ପଞ୍ଚାୟତ ସମିତି ବୈଠକରେ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱ ଆରୋପ କରିଥାନ୍ତି। ମାତ୍ର ଖରାଦିନ ଚାଲିଗଲେ ସବୁ ମନରୁ ଭୁଲିଯାଆନ୍ତି। ଯଦି ସବୁଦିନିଆ ଭାବେ ଏହି ସମସ୍ୟା ଦୂର କରିବା ପାଇଁ ଜିଲା ପ୍ରଶାସନ ଓ ସରକାରଙ୍କ ତରଫରୁ ମେଗା ଜଳଯୋଗାଣ ବ୍ୟବସ୍ଥା ହୋଇ ପାରନ୍ତା, ତେବେ ଗଣିଆ ବ୍ଲକ୍‌ରେ ପିଇବା ପାଣି ସମସ୍ୟା ଦୂର ହୋଇପାରନ୍ତା ।

# ଭୋଜି ଖାଇବାକୁ ଯାଇ ଫେରିଲାନି ଝିଅ

ନୟାଗଡ଼,୨୪।୨(ଲୋକନାଥ ମିଶ୍ର)

## ମାମଲା ରୁଜୁ କରି ଚୁପ୍ ରହିଛି ପୋଲିସ

ନୟାଗଡ଼ ଜିଲା ଇଟାମାଟି ଥାନା କେନ୍ଦୁପଡା ଅଞ୍ଚଳର ଜଣେ ନାବାଳିକା ଅପହରଣ ହେବାର ଦେଢ଼ ମାସରୁ ଉର୍ଦ୍ଧ୍ୱ ବିତି ଯାଇଛି। ହେଲେ ପୋଲିସ ମାମଲା ରୁଜୁ କରି ଚୁପ୍ ହୋଇ ବସି ରହିଥିବା ଅଭିଯୋଗ ହୋଇଛି। ଅପହୃତା ନାବାଳିକାଙ୍କ ମା’ ବାପା ଝିଅକୁ ଖୋଜି ଖୋଜି ଅପହରଣକାରୀଙ୍କ ଠିକଣା ପାଇ ପୋଲିସକୁ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସର ସହଯୋଗ କରୁନି ବୋଲି କୁହାଯାଉଛି । ୨୦୨୫ ଡିସେମ୍ବର ୩୧ରେ ନାବାଳିକା ଝିଅ ସାଙ୍ଗ ଘରକୁ ଭୋଜି ଖାଇବାକୁ ଯାଇ ଫେରିଲାନି । ରଣପୁର ଥାନା ଖଡିଆ ଗାଁର ବିଶ୍ୱ ରଞ୍ଜନ ପ୍ରଧାନ ନାମକ ଜଣେ ଯୁବକ ଝିଅକୁ ଅପହରଣ କରି ନେଇଥିବା ଅଭିଯୋଗ ରହିଛି । ପୋଲିସ ନଂ.୧/୨୬ରେ ମାମଲା ରୁଜୁକରି ତଦନ୍ତ ନାଁରେ ନୀରବତା ଅବଲମ୍ବନ କରିଥିବାରୁ ଝିଅ ସମ୍ପର୍କରେ କୌଣସି ତଥ୍ୟ ମିଳୁନଥିବା ଅଭିଯୋଗ କରାଯାଇଛି ।

# ସରକାରୀ ଜାଗାରୁ ଦୋକାନ ଗୃହ ଉଚ୍ଛେଦ

ଦଶପଲ୍ଲା,୨୪।୨(ପ୍ରକାଶ କୁମାର ପାଣି)

ଦଶପଲ୍ଲା ପ୍ରାଣୀଧନ ଚିକିତ୍ସାଳୟ ସମ୍ମୁଖରେ ଥିବା ସରକାରୀ ଜାଗାରେ ଦୋକାନ ଗୃହଗୁଡ଼ିକୁ ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇଛି। ଆଗରୁ ଉଚ୍ଛେଦ ପାଇଁ ପ୍ରଶାସନ ତରଫରୁ ନୋଟିସ ଦିଆଯାଇଥିଲା,ତେବେ ୬ ଟି ଦୋକାନ ଗୃହ ଉଚ୍ଛେଦ ହୋଇଥିବା ଜଣାଯାଇଛି। ଉଚ୍ଛେଦ ସମୟରେ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକ, ଦଶପଲ୍ଲା ଥାନା ଆଇଆଇସି ବିନୟ ରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ଦୋକାନ ଗୃହ ଉଚ୍ଛେଦ କରାଯାଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଜିତ୍



@ ବାବୁ



@ ମନୋଜ



@ ମୃତ୍ୟୁଞ୍ଜୟ



@ ସଚିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚଢ଼ାଉ ନ କରି ବ୍ୟବସାୟ ପାଇଁ ସୁଯୋଗ ଦେଲା ପ୍ରଶାସନ

ନୟାଗଡ଼/ନୂଆଗାଁ,୨୪।୨
(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

## ■ ବିକ୍ରି ହେଲା ବେଆଇନ ଭାଟିରୁ ଇଟା
## ■ ପାଖକୁ ନ ଯିବା ପାଇଁ ଖୋଳାଗଲା ଟ୍ରେଞ୍ଚ୍

ନୟାଗଡ଼ ଜିଲା ନୂଆଗାଁ ତହସିଲ ବେରୁଆଁବାରୀ ପଞ୍ଚାୟତ ବନ୍ଧାଭୂଇଁରେ ଗଢ଼ି ଉଠିଥିବା ୩ଟି ବେଆଇନ ଇଟାଭାଟିକୁ ପ୍ରଶାସନ ଅନୁକମ୍ପା ଦେଖାଇ ବ୍ୟବସାୟ କରିବାକୁ ସୁଯୋଗ ଦେଇଥିବା ଅଭିଯୋଗ ହୋଇଛି। ତହସିଲ ପକ୍ଷରୁ ଚଢ଼ାଉ ନ ହେବାରୁ ଭାଟି ମାଲିକ ଇଟା ବିକ୍ରିକରି ଭାଟି ପାଖକୁ ନ ଯିବା ପାଇଁ ଟ୍ରେଞ୍ଚ ଖୋଳି ଦେଇଥିବା କୁହାଯାଉଛି। ସେପଟେ ବେଆଇନ ଭାଟି ଉପରେ ଚଢ଼ାଉ କରିବାକୁ ତହସିଲଦାର ଓ ଜିଲାପାଳଙ୍କ ପାଖରେ ଅଭିଯୋଗକରି ଥକି ପଡିଛନ୍ତି ବନ୍ଧାଭୂଇଁର ଗୋବିନ୍ଦ ଚନ୍ଦ୍ର ସାହୁ। ଅନ୍ୟପକ୍ଷେ ଶେଷଥର ପାଇଁ ନୟାଗଡ଼ ଡେପୁଟି କଲେକ୍ଟରଙ୍କ ପାଖରେ ଅଭିଯୋଗ କରି ଇଟାଭାଟିର ସ୍ଥିତି ଏବଂ ବିକ୍ରି ହୋଇଥିବା କେଉଁଠି ରଖାଯାଇଛି ସେନେଇ ସୂଚନା ଦେଇଛନ୍ତି ।

ବନ୍ଧାଭୂଇଁର ଗୋବିନ୍ଦଙ୍କ ଅଭିଯୋଗ ଅନୁସାରେ ଘର ବାରିପଟ ଜମିରେ ଭରତ ସାହୁ ନାମକ ଜଣେ ବ୍ୟକ୍ତି ଦୁଇଟି ପୃଥକ୍ ଜମିରେ ୩ଟି ବେଆଇନ ଇଟାଭାଟି କରିଛନ୍ତି। ଇଟାଭାଟି ପୋଡାଯିବା ପରେ ଏହାର ନିଆଁ ଓ ଧୂଆଁ ପରିବେଶକୁ ପ୍ରଦୂଷିତ କରୁଛି। ପୁଣି ଗୋବିନ୍ଦଙ୍କ ପରିବାର ପାଇଁ ମଧ୍ୟ ଅସୁବିଧା କରୁଛି। ଘଟଣା ସମ୍ପର୍କରେ ତହସିଲରେ ଅଭିଯୋଗ ପରେ ସୁଫଳ ମିଳିନଥିଲା । ପରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ଜିଲା ଖଣି ବିଭାଗ ପକ୍ଷରୁ ଗତ ୧୭ ତାରିଖରେ ଅଚାଳନ ଚଢ଼ାଉ କରାଯାଇଥିଲା। ଗତ ୧୮ ତାରିଖରେ ଜିଲାପାଳଙ୍କ ନିର୍ଦ୍ଦେଶରେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ ବନ୍ଧାଭୂଇଁରେ ପହଞ୍ଚି ଇଟାଭାଟି ଭାଙ୍ଗିବାକୁ ଉଦ୍ୟମ କରି ଜେସିବି ନେଇଥିଲେ। ତେବେ ପୋଲିସ ଫୋର୍ସ ନେଇ ନ ଥିବାବେଳେ ବହୁସଂଖ୍ୟକ ମହିଳା ପୁରୁଷ ଭାଟି ନ ଭାଙ୍ଗିବାକୁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଦର୍ଶାଇ ତହସିଲଦାର ଘଟଣାସ୍ଥଳରୁ ଫେରି ଆସିଥିଲେ। ତେବେ ପରବର୍ତ୍ତୀ ସମୟରେ ଚଢ଼ାଉ କରି ନ ଥିବା ଅଭିଯୋଗ ହୋଇଛି। ସେପଟେ ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳିନି ବୋଲି କୁହାଯାଇଛି ।

# ନୟାଗଡ଼ ବ୍ଲକ କଂଗ୍ରେସ ଜୋନ୍ ସଭାପତି ଚୟନ

ନୟାଗଡ଼, ୨୪।୨(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ହସିମ ଖାଁ ନୟାଗଡ଼ ବ୍ଲକ ୪ ଜିଲା ପରିଷଦ ଜୋନ୍ ସଭାପତି ଚୟନ କରିଛନ୍ତି। ୧୨ ନଂ ଜୋନ୍‌ସଭାପତିଭାବେ ଇଞ୍ଜିନିୟର ଦେବାଶିଷ ମହାପାତ୍ର ଓ ୧୩ ନଂ ଜୋନ ସଭାପତି ପାଇଁ ପତିତ ପାବନ ପ୍ରଧାନ ସ୍ଥିରୀକୃତ ହୋଇଛନ୍ତି। ସେହିପରି ୧୪ ନଂ ଜୋନ ସଭାପତି ଭାବେ ଉମେଶ ଚନ୍ଦ୍ର ପଟ୍ଟନାୟକ ଏବଂ ୧୫ ନଂ ଜୋନ୍ ସଭାପତି ଭାବେ ପ୍ରସନ୍ନ କୁମାର ରାଉତଙ୍କୁ ଦାୟିତ୍ୱ ଦିଆଯାଇଛି। ନବ ନିଯୁକ୍ତ ଜୋନ ସଭାପତି ସଂଗଠନକୁ ପଞ୍ଚାୟତ ସ୍ତରରୁ ସୁଦୃଢ଼ କରିବା ପାଇଁ ନିଯୁକ୍ତି ଦିଆଯାଇଛି ବୋଲି ବ୍ଲକ ସଭାପତି ସୂଚନା ଦେଇଛନ୍ତି।

# ଖଣ୍ଡପଡ଼ାକୁ ହରାଇ ସେମିରେ କଟକ

ଖଣ୍ଡପଡା,୨୪।୨(ଅଜୟ କୁମାର ମହାରଣା)

## ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଖଣ୍ଡପଡା ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନିଷ୍ଟାଡିୟମ ପରିସରରେ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ୩ୟ ଦିବସରେ ସ୍ପୋର୍ଟ୍ସ ଆସୋସିଏଶନ ଖଣ୍ଡପଡାକୁ ୨-୦ ଗୋଲରେ ପରାସ୍ତ କରି ବାପୁଜୀ ଫୁଟ୍‌ବଲ କ୍ଲବ କଟକ ସେମି ଫାଇନାଲରେ ପ୍ରବେଶ କରିଛି । ଅତିଥି ଭାବେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରଦୀପ କୁମାର ପାଇକରାୟ, ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଓ ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ୍।

ମ୍ୟାଚରେ କଟକ ଟିମ୍ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ଖଣ୍ଡପଡା ଟିମ୍ ଗୋଟିଏ ହେଲେ ଗୋଲ ସ୍କୋର କରିବାରେ ସକ୍ଷମ ହୋଇ ନ ଥିଲେ । ଫଳରେ କଟକ ଟିମ୍ ୨-୦ ଗୋଲରେ ବିଜୟୀ ହୋଇ ସେମି ଫାଇନାଲକୁ ଉନ୍ନୀତ ହୋଇଛି । ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ବେଶ ସଂଘର୍ଷପୂର୍ଣ୍ଣ ଥିଲା । ମୁଖ୍ୟ ରେଫରୀ ପ୍ରସନ୍ନ କୁମାର ନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନ୍ସରେ ବିଦେଶୀ ନାୟକ ଓ ପ୍ରଫୁଲ୍ଲ ମହାରଣା ସହାୟତା କରିଥିଲେ। ୪ର୍ଥ ରେଫରୀ ଭାବେ ସୂର୍ଯ୍ୟକାନ୍ତ ଦଳବେହେରା ଦାୟିତ୍ୱ ତୁଲାଇଥିଲେ ।

ସୂଚନା ଯୋଗ୍ୟ, ଦିବଂଗତ ଜନନେତା ମହେନ୍ଦ୍ର କୁମାର ସ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତ ୬ ବର୍ଷଧରି ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇ ଆସୁଛି । ବୁଧବାର ୪ର୍ଥ ଦିବସରେ ଫ୍ରେଣ୍ଡସ୍ ପାରାଡାଇଜ୍ ଫୁଟ୍‌ବଲ କ୍ଲବ ଜଟଣୀ ସହିତ ରକ୍କି ସ୍ପୋର୍ଟିଂ ବୈଦ୍ଧ ମଧ୍ୟରେ ମୁକାବିଲା ହେବ ବୋଲି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଉଦ୍ୟୋକ୍ତା ତଥା ବିଶିଷ୍ଟ କ୍ରୀଡାବିତ ଭିକାରୀ ଖଣ୍ଡାୟତଙ୍କଠାରୁ ପ୍ରକାଶ ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

# ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ନିର୍ଦ୍ଦେଶ ସତ୍ତ୍ୱେ ରତନପୁରକୁ ରାସ୍ତା ନିର୍ମାଣରେ ବିଳମ୍ବ ନେଇ ଅସନ୍ତୋଷ

ଖଣ୍ଡପଡ଼ା, ୨୪।୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ବଡ଼ବାଣପୁର ପଞ୍ଚାୟତ ରତନପୁର ଗ୍ରାମକୁ ପକ୍କାରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଦାବି ପରେ ମଧ୍ୟ ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣରେ ପ୍ରଶାସନିକ ଉଦାସୀନତା ଦେଖା ଦେବାପରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ରତନପୁର ଗ୍ରାମକୁ ରାସ୍ତା ନିର୍ମାଣ ନେଇ ନୟାଗଡ଼ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ ରାସ୍ତା ନିର୍ମାଣ ନେଇ ତତ୍ପରତା ଦେଖାଇଥିଲା। ପରେ ଗ୍ରାମକୁ ପକ୍କାରାସ୍ତା ହେବା ନେଇ ଗ୍ରାମବାସୀଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଥିବା ଜଣାଯାଇଛି। ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣ ନେଇ ୨୦୨୫ ଅକ୍ଟୋବର ୩ରେ କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ନିବେଦିତା ଶତପଥୀ ଓ ସହଯୋଗୀ କର୍ମଚାରୀମାନେ ସରକାରୀ ଜାଗା ଚିହ୍ନଟ ସହ ବ୍ଲକ ପ୍ରଶାସନ ପକ୍ଷରୁ ରାସ୍ତା କାର୍ଯ୍ୟ ନେଇ ଲେଆଉଟ ଦିଆଯାଇଥିବା ଜଣାପଡିଛି। ନିର୍ମାଣ ନେଇ ଆବଶ୍ୟକ ଜାଗା ଚିହ୍ନଟ ପରେ ସେଠାରେ ଥିବା କେତେକ ଗଛ କଟାଯିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି। ତେବେ ରାସ୍ତା ନିର୍ମାଣ ନେଇ ପ୍ରସ୍ତାବିତ ଜାଗାରୁ ଗଛ କାଟିବା ନିମନ୍ତେ ବନ ବିଭାଗ ଅନୁମତି ପ୍ରଦାନ କରିବାର ଆବଶ୍ୟକତା ଥିବାରୁ ଏ ନେଇ ବିଳମ୍ବ ହେଉଥିବା ଜଣାପଡିଛି। ତେଣୁ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଓ ନୟାଗଡ଼ ବନଖଣ୍ଡ ଅଧିକାରୀ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



ଶୋଚନୀୟ ହୋଇପଡ଼ିଥିବା ରାସ୍ତା ।

ସୂଚନାଯୋଗ୍ୟ, କଣ୍ଟିଲୋରୁ ଗଣିଆକୁ ସଂଯୋଗ କରୁଥିବା ୪୮ ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ରତନପୁର ଗ୍ରାମକୁ ରାସ୍ତା ନିର୍ମାଣରେ କେତେଜଣ ଜବରଦଖଲକାରୀ ବାଧକ ସାଜିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ଗ୍ରାମର ୬୩୦ ନଂ. ପ୍ଲଟ୍ ସରକାରୀ ରାସ୍ତା କିସମ ଜମିକୁ ଅନଧିକାର ଭାବେ ଜବରଦଖଲକାରୀମାନେ ବାଡ଼ ବନ୍ଦୀକରି ନିଜ ଅକ୍ତିଆରରେ ରଖିଥିବାରୁ କାମରେ ସମସ୍ୟା ସୃଷ୍ଟି ହେଉଥିବା ବେଳେ ରାସ୍ତା ନିର୍ମାଣ ନେଇ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ନିକଟରେ ଅନୁଦାନ ଅର୍ଥ ଗତ ୫ ବର୍ଷ ଧରି ପଡି ରହିଥିବା ଜଣାପଡିଛି। ବର୍ଷା ଋତୁ ପୂର୍ବରୁ ରତନପୁର ଗ୍ରାମକୁ ପକ୍କା ରାସ୍ତା ନିମନ୍ତେ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

ପ୍ରକାଶଥାଉକି, ଗ୍ରାମକୁ ଭଲ ରାସ୍ତାଟି ନ ଥିବାରୁ ସ୍ଥାନୀୟ ବାସିନ୍ଦା ଜରୁରିକାଳୀନ ପରିସ୍ଥିତିରେ ୧୦୮, ୧୦୨ ଆମ୍ବୁଲାନ୍ସ ସେବା ଓ ଅଗ୍ନିଶମ ସେବା ପରି ମୌଳିକ ସେବାରୁ ବଞ୍ଚିତ ହୋଇଥିବା ଜଣାପଡିଛି।

